# ଲାଞ୍ଚ ମାଗିବା ଅଭିଯୋଗରେ ଗ୍ରାମ୍ୟ କୃଷି କର୍ମଚାରୀ ନିଲମ୍ବିତ

ଚାନ୍ଦବାଲି,୨୦।୧୧
(ଅଶୋକ କୁମାର ପଣ୍ଡା/ କିଷାନ ପାତ୍ର)

ବାତ୍ୟା 'ଦାନା' କ୍ଷତିପୂରଣ ପ୍ରଦାନ କରିବା ପାଇଁ ସରକାର ହେକ୍ଟର ପିଛା ୮୫୦୦ ଟଙ୍କା ପ୍ରଦାନ କରିବା ପାଇଁ ଘୋଷଣା କରିବା ପରେ ଏହାର ଫାଇଦା ଉଠାଉଥିଲେ କିଛି ଅସାଧୁ ସରକାରୀ କର୍ମଚାରୀ। ଏମିତି ଏକ ଘଟଣା ଦେଖିବାକୁ ମିଳିଥିଲା ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧିନସ୍ଥ ଭାଟପଡ଼ା ପଞ୍ଚାୟତରେ। ଗ୍ରାମ୍ୟ କୃଷି କର୍ମଚାରୀ ଭଗବତୀ କିସାନ ଚାଷୀଙ୍କଠାରୁ ଜମି ଅନ୍‌ଲାଇନ ପାଇଁ ଖୁଲମଖୋଲା ୫ଶହ ଟଙ୍କା ନେଉଥିବା ଅଭିଯୋଗ ହୋଇଥିଲା। ଏହି ଅଭିଯୋଗ ପାଇବା ପରେ ଜିଲା ମୁଖ୍ୟ କୃଷି ଅଧିକାରୀ ନିର୍ଦ୍ଦେଶନାମା (ନଂ ୪୮୯୪)ରେ ଗ୍ରାମ୍ୟ କୃଷି କର୍ମଚାରୀ ଭଗବତୀ କିସାନଙ୍କୁ କାର୍ଯ୍ୟରୁ ନିଲମ୍ବନ ଆଦେଶ ଦେଇଛନ୍ତି। ନିଲମ୍ବନ ସମୟରେ ସେ ବିନା ଅନୁମତିରେ ଭଦ୍ରକ ସଦର ମହକୁମା ଛାଡ଼ିପାରିବେ ନାହିଁ ବୋଲି ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି। କିସାନ ଲାଞ୍ଚ ନେଉଛନ୍ତି ବୋଲି ସ୍ୱୀକାର କରିଥିବା ଏକ ଭିଡିଓରେ ଭାଇରାଲ ହୋଇଥିଲା। ଟଙ୍କା ନ ଦେଲେ ଜମି ଅନ୍‌ଲାଇନ କରିବେ ନାହିଁ ବୋଲି ଧମକ ଦେଉଥିବା ଭିଡିଓରୁ ପ୍ରମାଣିତ ହୋଇଥିଲା।

# ଖୁବ୍ ଶୀଘ୍ର ଏଟିଏମ୍, ୱାଇଫାଇ


ଉଚ୍ଚଶିକ୍ଷା ମନ୍ତ୍ରୀ ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

ଧାମନଗର,୨୦।୧୧
(ଦେବେନ୍ଦ୍ର ଆଢ଼ିଆ/ ସନ୍ତୋଷ କୁମାର ମହାପାତ୍ର)

- ଧାମନଗର ମହାବିଦ୍ୟାଳୟରେ ମନ୍ତ୍ରୀଙ୍କ ଦ୍ୱାରା ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ
- ଛାତ୍ରୀଛାତ୍ରଙ୍କ ସହ ଭାବ ବିନିମୟ କଲେ

ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା, କ୍ରୀଡ଼ା ଓ ଯୁବ ବ୍ୟାପାର, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ବୁଧବାର ଧାମନଗର ମହାବିଦ୍ୟାଳୟ ପରିଦର୍ଶନରେ କରିଛନ୍ତି। ଏହି ଅବସରରେ ମହାବିଦ୍ୟାଳୟର ହେବାକୁ ଥିବା ଗୃହ ଓ ପ୍ରାଚୀରର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ପ୍ରାରମ୍ଭରେ ଉଚ୍ଚ ଶିକ୍ଷା ମନ୍ତ୍ରୀ ମହାବିଦ୍ୟାଳୟର ପ୍ରାଣ ପ୍ରତିଷ୍ଠାତା ସ୍ୱର୍ଗତ ହୃଦାନନ୍ଦ ମଲ୍ଲିକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଏହି ସମୟରେ ଭଦ୍ରକ ଜିଲାପାଳ ଦିଲ୍ଲୀପ ରାଉତରାଏ, ଧାମନଗର ମହାବିଦ୍ୟାଳୟର ପରିଚାଳନା କମିଟିର ସଭାପତି ନିରାକାର ମିଶ୍ରଙ୍କୁ ସ୍ୱାଗତ କରିଥିଲେ। ମନ୍ତ୍ରୀ ଛାତ୍ରୀଛାତ୍ରଙ୍କଠାରୁ ମହାବିଦ୍ୟାଳୟର କେତେକ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ।

ଉଚ୍ଚ ଶିକ୍ଷା ମନ୍ତ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଅଜୟ ବେଜଙ୍କ ସହ ଚଳିତ ଶିକ୍ଷାବର୍ଷଠାରୁ ଜାତୀୟ ଶିକ୍ଷା ନୀତି -୨୦୨୦ର କାର୍ଯ୍ୟକାରୀ ହେବାର ସୂଚନା ଦେଇଥିଲେ। ସ୍ନାତକସ୍ତରରେ କଳା ଓ ବିଜ୍ଞାନ ସମ୍ମାନ ଛାତ୍ରୀଛାତ୍ରଙ୍କ ଆସନ ସଂଖ୍ୟା ଯଥାକ୍ରମେ ୧୨୮ ରୁ ୨୫୬ ଓ ୬୪ରୁ ୧୨୮କୁ ବୃଦ୍ଧି, ନୂତନ ସ୍ନାତକ ବିଭାଗ ଯଥା : ଇଂରାଜୀ, ଉର୍ଦ୍ଦୁ, ଶିକ୍ଷା, ଦର୍ଶନ, ସଂସ୍କୃତ ଓ କମ୍ପ୍ୟୁଟର ସାଇନ୍ସ ଓ ସ୍ନାତକୋତ୍ତର ବିଭାଗ (ରାଜନୀତି ବିଜ୍ଞାନ, ଓଡ଼ିଆ ଓ ଇତିହାସ ବିଭାଗ) ଖୋଲିବା, ମହାବିଦ୍ୟାଳୟ ପରିସରକୁ ସମ୍ପୂର୍ଣ୍ଣ ସି.ସି. କ୍ୟାମେରା ଅଧୀନରେ ରଖିବା, ମହାବିଦ୍ୟାଳୟର ପରିସରକୁ ୱାଇ-ଫାଇ କ୍ୟାମ୍ପସ କରିବା, ମହାବିଦ୍ୟାଳୟର ଅନ୍ୟ ବିଭାଗଗୁଡ଼ିକରେ ଖାଲିପଡ଼ିଥିବା ଅଧାପିକା, ଅଧ୍ୟାପକଙ୍କ ପଦବୀ ପୂରଣ କରିବା, ଇ-ଲାଇବ୍ରେରୀ ସ୍ଥାପନ, ମହାବିଦ୍ୟାଳୟର ଅବସ୍ଥାପିତ ନୂଆ ଜିଆଇଏ ଅଧ୍ୟାପକ-ଅଧ୍ୟାପିକାଙ୍କ ଇପିଏଫ ସମସ୍ୟାର ସ୍ଥାୟୀ ସମାଧାନ, ମହାବିଦ୍ୟାଳୟର ଜମି ୧୦.୩୧ ଏକର ପଟ୍ଟା ହସ୍ତାନ୍ତର କରିବା, ମହାବିଦ୍ୟାଳୟର ପରିସରରେ ଏଟିଏମ ଅବସ୍ଥାପିତ କରିବା, ମହାବିଦ୍ୟାଳୟର ପରିସରଭୁକ୍ତ ରାସ୍ତାରେ ଆଲୋକିକରଣ ପ୍ରଭୃତି ସଂକ୍ରାନ୍ତରେ ଏକ ଅନୁରୋଧ ପତ୍ର କଲେଜ ଅଧ୍ୟକ୍ଷଙ୍କଠାରୁ ଗ୍ରହଣ କରିଥିଲେ। ଏହାର ସମାଧାନ ପାଇଁ ପ୍ରତିଶ୍ରୁତି ମଧ୍ୟ ପ୍ରଦାନ କରିଛନ୍ତି। ପ୍ରାଧ୍ୟାପକ ଡ. ସମୀର ହୁଇ, ପ୍ରଦୀପ ରାୟ, ସରୋଜ ପଣ୍ଡା, ସଞ୍ଜୟ ପଣ୍ଡା, ସନ୍ଦୀପ ଘୋଷ, ସ୍ମରଣିକା ପ୍ରଧାନ, ଆଶିଷ ସ୍ୱାଇଁ, ଡ. ପ୍ରଶାନ୍ତ ପରିଡ଼ା, ଆଶୀର୍ବାଦ ମହାନ୍ତି, ବାସ୍ତବିକା ଦାସ, ସଜଳ ମହାନ୍ତି, ଡ. ମନୋଜ କର, ଚିନ୍ମୟ ଜେନା, ଡ. ଦେବାଶିଷ ମଲ୍ଲିକ, ସାଜିଆ ତମକୀନ, ସତ୍ୟନ ଜେନା, ଚାନ୍ଦ ମହମ୍ମଦ, ଡ. ବିଶ୍ୱଜିତା ବାରିକ, ଦିଲ୍ଲୀପ ମଲ୍ଲିକ, ଜିଜ୍ଞାସୁ ଦାଶ, ଶତୋ ସାମିନି, ଅମିତା ଦାସ, ସରୋଜ ରଞ୍ଜନ ନନ୍ଦ, ପ୍ରକାଶ ଚନ୍ଦ୍ର ମହାପାତ୍ର, ଧୀରେନ୍ଦ୍ର ରାଉତ, ସୁରେନ୍ଦ୍ର ଜେନା, ଶଶାଙ୍କ ଶେଖର ପଣ୍ଡା, ଉଦୟ ନାଥ ବିଶ୍ୱାଳ, ଜୟ ପ୍ରକାଶ ନାୟକ, ବାବାଜୀ ଚରଣ ପରିଡ଼ା ପ୍ରମୁଖ ଅଧ୍ୟାପକ-ଆଧ୍ୟାପିକା, କର୍ମଚାରୀ, ଛାତ୍ରୀଛାତ୍ର ଓ ଦଳୀୟ କର୍ମକର୍ତ୍ତା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# 'କୃଷି ବିନା ସାହିତ୍ୟର ରାହା ନାହିଁ'


ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

ଭଦ୍ରକ,୨୦।୧୧(ସନାତନ ରାଉତ)

## ଭଦ୍ରକ ପୁସ୍ତକମେଳାର ଷଷ୍ଠ ସନ୍ଧ୍ୟା

କୃଷି ବିନା ସାହିତ୍ୟର ରାହା ନାହିଁ। କୃଷି ବଞ୍ଚିଲେ ଦେଶ ବଞ୍ଚିବ। ଏବେ କୃଷି କ୍ଷେତ୍ରରେ ରାସାୟନିକ ସାର ଓ କୀଟନାଶକର ପ୍ରୟୋଗ ଦ୍ୱାରା ରୋଗ ବୃଦ୍ଧି ହେବା ସହ ପରିବେଶ ପ୍ରଦୂଷିତ ହେଉଛି। ତେଣୁ ଜୈବିକ ଚାଷ ଉପରେ ଗୁରୁତ୍ୱ ଦେବାକୁ ଭଦ୍ରକ ପୁସ୍ତକ ମେଳାର ଷଷ୍ଠ ସନ୍ଧ୍ୟାରେ ଅତିଥିମାନେ ଆହ୍ୱାନ ଦେଇଥିଲେ। ସ୍ଥାନୀୟ ମନମୋହନ ସଙ୍ଗୀତ ପରିଷଦ ପଡ଼ିଆରେ ଚାଲିଥିବା ପୁସ୍ତକ ମେଳାର ବୁଧବାର ଷଷ୍ଠ ସନ୍ଧ୍ୟା କୃଷି ସନ୍ଧ୍ୟା ଭାବରେ ଲୋକାର୍ପଣ କରାଯାଇଥିଲା। ପ୍ରାକ୍ତନ ଯୁଗ୍ମ କୃଷି ନିର୍ଦ୍ଦେଶକ ରମେଶ ଚନ୍ଦ୍ର ରାୟଙ୍କ ସଭାପତିତ୍ୱରେ ଜିଲାପାଳ ଦିଲ୍ଲୀପ ରାଉତରାଏ କୃଷି ସନ୍ଧ୍ୟାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ପ୍ରାଧ୍ୟାପକ ଡ. କମଳାକାନ୍ତ ଜେନା, ମୁଖ୍ୟ ବକ୍ତା ଭାବେ ବରିଷ୍ଠ ପ୍ରଶାସନିକ ଅଧିକାରୀ ତଥା ସ୍ତମ୍ଭକାର ସୌମ୍ୟଶ୍ରୀ ପାଣିଗ୍ରାହୀ, ଅନ୍ୟତମ ଅତିଥି ଭାବେ ଅଧ୍ୟାପକ ଡ. ଅଭୟ କୁମାର ଦାସ, ପୁସ୍ତକ ମେଳା କମିଟି ସଭାପତି ଅଜୟ ନାୟକ, ଅବସରପ୍ରାପ୍ତ କୃଷି ଅଧିକାରୀ ଉଦିତ ରାୟ, କୃଷି କବି ଅରୁଣ ପାତ୍ର ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବନ୍ତ ବ୍ଲକର ଚାଷୀ କମଳାକାନ୍ତ ସିଂହ ଓ ଧାମନଗର ବ୍ଲକର ଚାଷୀ ଦାମୋଦର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଭାତ ବିଜୟ ସଂଯୋଜନା କରିଥିବା ବେଳେ ପୂର୍ବତନ ଜିଲା ମୁଖ୍ୟ କୃଷି ଅଧିକାରୀ ଦିଲ୍ଲୀପ କୁମାର ଖୁଣ୍ଟିଆ ସ୍ୱାଗତ ଭାଷଣ ଓ ପୂର୍ବତନ କୃଷି ଅଧିକାରୀ ଶ୍ରୀଧର ଦାସ ଧନ୍ୟବାଦ ଦେଇଥିଲେ।

# ଧରିତ୍ରୀ ଷ୍ଟଲ୍ ପରିଦର୍ଶନକଲେ ଏସ୍‌ପି


ଧରିତ୍ରୀ ଷ୍ଟଲ୍‌ରେ ଏସ୍‌ପି ମଡକର ସନ୍ଦୀପ ସମ୍ପଦ।

ଭଦ୍ରକ,୨୦।୧୧(ସନାତନ ରାଉତ)

ଭଦ୍ରକ ମନମୋହନ ସଙ୍ଗୀତ ପରିଷଦ ପଡ଼ିଆରେ ଚାଲିଥିବା ପୁସ୍ତକ ମେଳାରେ 'ଧରିତ୍ରୀ' ଷ୍ଟଲକୁ ବିଭିନ୍ନ ବର୍ଗର ଲୋକେ ପରିଦର୍ଶନ କରୁଛନ୍ତି। ଅକଳରେ ଅର୍ଥନୀତି, ସୂତାଖିଅରେ ବିଶ୍ୱ, ହକି ଓଡ଼ିଶାର ବିଶ୍ୱ ଆଦି ବିଶେଷାଙ୍କକୁ ପଢ଼ିବା ସହ ନିଜର ମତାମତ ପ୍ରଦାନ କରୁଛନ୍ତି। ଷଷ୍ଠ ସନ୍ଧ୍ୟାରେ ଭଦ୍ରକ ଏସ୍‌ପି ମଡକର ସନ୍ଦୀପ ସମ୍ପଦ ଷ୍ଟଲ ପରିଦର୍ଶନ କରିବା ସହ ଇଂଲିଶ ଖବରକାଗଜ ଓଡ଼ିଶା ପୋଷ୍ଟ ନେଇଛନ୍ତି। ବହୁ ସଂଖ୍ୟାରେ ପାଠିକା ପାଠକ, ବୁଦ୍ଧିଜୀବୀ, ଛାତ୍ରୀଛାତ୍ର ଷ୍ଟଲରେ ଥିବା ବହି ଦେଖିବା ଓ ପଢ଼ିବା ସହ ନିଜ ପସନ୍ଦର ବହି ସଂଗ୍ରହ କରୁଛନ୍ତି।

# ଦିବ୍ୟାଙ୍ଗଙ୍କୁ ୩ ଚକିଆ ଯାନ ପ୍ରଦାନ

ବାସୁଦେବପୁର,୨୦।୧୧
(ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ବ୍ଲକ ପରିସରରେ ବୁଧବାର ଦିବ୍ୟାଙ୍ଗ ପ୍ରିୟବ୍ରତ ଦଳେଇଙ୍କୁ ସମାଜ ମଙ୍ଗଳ ବିଭାଗ ପକ୍ଷରୁ ଏକ ୩ ଚକିଆ ଯାନ ପ୍ରଦାନ କରାଯାଇଛି। ଏକ ଦୁର୍ଘଟଣାରେ ଗୁରୁତର ଆହତ ହୋଇ ଗୋଟିଏ ଗୋଡ଼ର ୮୦/୯୦ ପ୍ରତିଶତ କ୍ଷତିଗ୍ରସ୍ତ ହୋଇଥିବା ବେଳେ ପ୍ରିୟବ୍ରତଙ୍କୁ ଚାଲିବା ପାଇଁ କଷ୍ଟକର ହେଉଥିଲା। ବିଧାୟକ ଅଶୋକ କୁମାର ଦାସ, ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ ଦତ୍ତ, ବିଡିଓ ସଞ୍ଜୀବ କୁମାର ସାହୁ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଆଭା ରଞ୍ଜିତା ପୁହାଣ ପ୍ରମୁଖ ଉପସ୍ଥିତ ରହି ୩ ଚକିଆ ଯାନ ପ୍ରଦାନ କରିଥିଲେ। ପ୍ରିୟବ୍ରତଙ୍କର ଭିନ୍ନକ୍ଷମ ଭତ୍ତା ହୋଇ ନ ଥିବା ବେଳେ ତୁରନ୍ତ ତାଙ୍କୁ ଭିନ୍ନକ୍ଷମ ଭତ୍ତା ଯୋଜନାରେ ସାମିଲ କରି ଭତ୍ତା ପ୍ରଦାନ କରିବାକୁ ବିଧାୟକ ବିଭାଗୀୟ ଅଧିକାରୀଙ୍କୁ କହିଥିଲେ।

# 'ପ୍ରତିଟି ପିଲାଙ୍କ ପ୍ରତିଭା ମହକିତ ହେବା ଆବଶ୍ୟକ'


ସର୍ଗିଫୁଲ ଉତ୍ସବରେ ଯୋଗ ଦେଇଥିବା ଅତିଥି।

ତିହିଡ଼ି,୨୦।୧୧(ସଞ୍ଜିତ ବଳ)

ତିହିଡ଼ି ବ୍ଲକ ବାରୋ ପଞ୍ଚାୟତ ଅଧୀନ ଦହପାଣିଆ ସରକାରୀ ହାଇସ୍କୁଲରେ ବୁଧବାର ଜିଲାସ୍ତରୀୟ ଶିଶୁ ମହୋତ୍ସବ ସର୍ଗିଫୁଲ ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲାପାଳ ଦିଲୀପ ରାଉତରାୟ ଯୋଗଦେଇ ସର୍ଗିଫୁଲ ପରି ପ୍ରତିଟି ପିଲାଙ୍କ ପ୍ରତିଭା ମହକିତ ହେବା ଆବଶ୍ୟକ ବୋଲି କହିଥିଲେ। ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ ପକ୍ଷରୁ ଆୟୋଜିତ ଉତ୍ସବରେ ପ୍ରଧାନଶିକ୍ଷକ ସନତ କୁମାର ବେହେରା ପୌରୋହିତ୍ୟ କରିଥିଲେ। ମୁଖ୍ୟବକ୍ତା ଭାବେ ଅତିରିକ୍ତ ଉପଜିଲାପାଳ ଶ୍ୟାମଳ କୁମାର ରାୟ, ଅନ୍ୟତମ ଅତିଥି ଭାବେ ଜିଲା ଅତିରିକ୍ତ ମଙ୍ଗଳ ଅଧିକାରୀ ଉର୍ମିଳା ଗୋଛାୟତ, ସରପଞ୍ଚ ଉଦ୍ଧବ ଚରଣ ନାୟକ, ସିଆରସିସି ଶନିଶ୍ଚର ମହାଳିକ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ଦେଇଥିଲେ। ଶିକ୍ଷକ କାଳିପଦ ଦାସ ଧନ୍ୟବାଦ ଦେଇଥିଲେ। ୯ଟି ବିଦ୍ୟାଳୟର ପିଲାମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉତ୍ସବରେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଛାତ୍ରୀଛାତ୍ରମାନେ ସ୍ୱାଗତ ସଙ୍ଗୀତ ସହିତ ନୃତ୍ୟ ପରିବେଷଣ କରିଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ନିହାର ରଞ୍ଜନ ରାଉତ, ସହକାରୀ ଶିକ୍ଷକ କ୍ଷୀରାବ୍ଧି ମାଝୀ, ଅଜିତ ପରମାଣିକ, ଶଶୀକାନ୍ତ ପଣ୍ଡା, ଦେବୀଦତ୍ତା ଦାସ, ଶାନ୍ତିଲତା ସାମଲ, ତୃପ୍ତିମୟୀ ବେହେରା, ସସ୍ମିତା ସାହୁ, ବସନ୍ତ କୁମାର ଗଗରାଇ, ମନୋରଞ୍ଜନ ମହାରଣା, ଯୁବରାଜ ମାଝୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଚୋରା କୋଇଲା ଜବତ, ଇଟାଭାଟି ମାଲିକ ଗିରଫ

ତିହିଡ଼ି,୨୦।୧୧(ସଞ୍ଜିତ ବଳ)

ତିହିଡ଼ି ଥାନା ନୂଆନନ୍ଦ ପଞ୍ଚାୟତ ଅଧୀନ ସାନହାତୁଆରୀ ଗ୍ରାମରେ ଏକ ଇଟାଭାଟି ନିକଟରେ ଥିବା ୨୨୮ବସ୍ତା ଚୋରା କୋଇଲାକୁ ବୁଧବାର ତିହିଡ଼ି ପୋଲିସ ଜବତ କରିଛି। ଘଟଣାରେ ପୋଲିସ ଏକ ମାମଲା (ନଂ ୫୨୦/୨୪)ରୁଜୁ କରି ଇଟାଭାଟି ମାଲିକକୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଇଟାଭାଟି ମାଲିକ ସାନ ହାତୁଆରୀ ଗ୍ରାମର ମନୋରଞ୍ଜନ ପୃଷ୍ଟି ବୋଲି ଜଣାପଡ଼ିଛି। ମନୋରଞ୍ଜନ ନିଜ ଇଟାଭାଟି ନିକଟରେ ଚୋରା କୋଇଲା ମହଜୁଦ ରଖିଥିବା ଖବର ପାଇ ପୋଲିସ ଚଢ଼ାଉ କରିଥିଲା।

# ଆନ୍ଦୋଳନରୁ ଓହରିଲା ଶ୍ରମିକ ସଂଘ ସମନ୍ୱୟ ସମିତି

ଭଦ୍ରକ,୨୦।୧୧(ସନାତନ ରାଉତ)

ଭଦ୍ରକ ଜିଲା ଶ୍ରମିକ ସଂଘ ସମନ୍ୱୟ ସମିତି ପକ୍ଷରୁ ଭଦ୍ରକ ଶ୍ରମ କାର୍ଯ୍ୟାଳୟ ଆଗରେ ଗତ ସୋମବାରଠାରୁ ଚାଲିଥିବା ଗଣଧାରଣା ମଙ୍ଗଳବାର ରାତିରେ ପ୍ରତ୍ୟାହୃତ ହୋଇଛି। ରାଜ୍ୟ ଶ୍ରମ ମନ୍ତ୍ରୀ, ଶିକ୍ଷାମନ୍ତ୍ରୀ, ଭାରତୀୟ ମଜଦୁର ସଂଘର ରାଜ୍ୟ ଉପସଭାପତି ଶାନ୍ତନୁ ମହାପାତ୍ରଙ୍କ ହସ୍ତକ୍ଷେପ ସହ ଜିଲାପାଳଙ୍କ ପ୍ରତିନିଧି ଭାବେ ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ ପହଞ୍ଚି ସେମାନଙ୍କ ଦାବି ଉପରେ ବିଚାର ବିମର୍ଷ କରାଯାଇ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ନିର୍ମାଣ ଶ୍ରମିକ ପଞ୍ଜୀକରଣ, ନବୀକରଣ ସହ ଶିକ୍ଷା, ବିବାହ ଓ ମୃତ୍ୟୁ ସହାୟତା ଆଦି ଆବେଦନ ପତ୍ର ଦୀର୍ଘଦିନ ଧରି ପଡ଼ି ରହିଛି। ବିଭାଗ ପକ୍ଷରୁ ଟାଳଟୁଳ ନୀତି ଅବଲମ୍ବନ କରାଯାଉଛି। ଗତ ଅକ୍ଟୋବର ୧୦ ତାରିଖରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ତ୍ରିପାକ୍ଷିକ ଆଲୋଚନାରେ ନିର୍ଦ୍ଧାରିତ କାର୍ଯ୍ୟକୁ ଜିଲା ଶ୍ରମ ଅଧିକାରୀ କାର୍ଯ୍ୟକାରୀ କରିନଥିବା ଆଦି ଅଭିଯୋଗ କରି ଜିଲା ଶ୍ରମ ଅଧିକାରୀଙ୍କ ବଦଳି ଦାବିରେ ସମନ୍ୱୟ ସମିତି ପକ୍ଷରୁ ଗଣଧାରଣା ଦିଆଯାଇଥିଲା। ସମନ୍ୱୟ ସମିତିର ଜିଲା ସଭାପତି ବିଭୂତି ଭୂଷଣ ପାଣିଗ୍ରାହୀ, ଭାରତୀୟ ମଜଦୁର ସଂଘର ଜିଲା ସଭାପତି ମନୋଜ ବସନ୍ତରାୟ, ରାଜ୍ୟ ସମନ୍ୱୟ କମିଟିର ସଙ୍ଗଠନ ସମ୍ପାଦକ ନାରାୟଣ ନାୟକ, କ୍ଷୀରସିନ୍ଧୁ ନାୟକ ଗଣଧାରଣାର ନେତୃତ୍ୱ ନେଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଅମୀୟ କୁମାର ନାୟକ, ପ୍ରଦୀପ କୁମାର ଦାସ, ବରଦା ପ୍ରସନ୍ନ ସାମଲ, ପ୍ରଶାନ୍ତ ମିଶ୍ର, ଅମୂଲ୍ୟ ଭୋଇ, ସୂର୍ଯ୍ୟ ନାରାୟଣ ଦାସଙ୍କ ସମେତ ବିଭିନ୍ନ ଶ୍ରମିକ ସଙ୍ଗଠନର କର୍ମକର୍ତ୍ତା ମାନେ ସାମିଲ ହୋଇଥିଲେ।


ଗଣଧାରଣାରେ ସାମିଲ ଶ୍ରମିକ ସଂଘ ସମନ୍ୱୟ ସମିତିର କାର୍ଯ୍ୟକର୍ତ୍ତାମାନେ।

# ଚଳନ୍ତା ବସ୍‌ରୁ ଖସି ମହିଳା ଆହତ

ବାସୁଦେବପୁର, ୨୦।୧୧
(ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର - ଧାମରା ରାସ୍ତାର କୃଷ୍ଣପୁର ଛକରେ ବୁଧବାର ଏକ ଚଳନ୍ତା ବସ୍‌ରୁ ଜଣେ ମହିଳା ଖସି ପଡ଼ି ଆହତ ହୋଇଛନ୍ତି। ଆହତ ମହିଳା ନଟିଆପାଳ ଗ୍ରାମର ସୁଧାକର ପଲେଇଙ୍କ ସ୍ତ୍ରୀ ସଜନୀ ପଲେଇ(୪୦)। ସେ କୃଷ୍ଣପୁର ଆର୍‌ଆଇ ଅଫିସକୁ କୌଣସି କାର୍ଯ୍ୟ ପାଇଁ ଏକ ଘରୋଇ ବସ୍‌ରେ ଯାଉଥିଲେ। କୃଷ୍ଣପୁର ଛକରେ ବସ୍‌ଟି ଅଟକିବା ବିଳମ୍ବ ହେବାରୁ ଅସାବଧାନବଶତଃ ସେ ବସ୍‌ରୁ ଓହ୍ଲାଇବା ବେଳେ ପଡ଼ିଯାଇଥିଲେ। ତାଙ୍କୁ ବାସୁଦେବପୁର ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା କରାଯାଇଛି।

# ଅଭିଯୁକ୍ତକୁ ଉଠାଇନେଲା ଧୂଷୁରୀ ପୋଲିସ

ଭଣ୍ଡାରିପୋଖରୀ,୨୦।୧୧
(ରାଜେନ୍ଦ୍ର ଶତପଥି)

## ଚାକିରି ପ୍ରଲୋଭନ ଦେଖାଇ ଅର୍ଥ ଠକେଇ ଅଭିଯୋଗ

ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ପାଟୁଳି ଗ୍ରାମର ଅଜିତ କୁମାର ଦତ୍ତଙ୍କୁ ଧୂଷୁରୀ ପୋଲିସ ଗତ ମଙ୍ଗଳବାର ରାତିରେ ଗିରଫ କରିଛି। ଚାକିରି କରାଇଦେବା ପ୍ରଲୋଭନ ଦେଖାଇ ଧୂଷୁରୀ ଥାନା ଅନ୍ତର୍ଗତ ଖରଜି ଝାରଡିଆ ଗ୍ରାମର ଦୀପକ କୁମାର ବେହେରା, ପ୍ରଶାନ୍ତ କୁମାର ବେହେରା ଓ ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ପାଟୁଳି ଗ୍ରାମର ଅଜିତ କୁମାର ଦତ୍ତ ଷଡ଼ଯନ୍ତ୍ର ରଚନା କରି ଧୂଷୁରୀ ଥାନା କାଠମୁଣ୍ଡା ଗ୍ରାମର ଅଶୋକ ଆରଣଙ୍କଠାରୁ ବିଭିନ୍ନ କିସ୍ତିରେ ୪ ଲକ୍ଷ ୪୫ ହଜାର ଟଙ୍କା ନେଇଥିଲେ। ଏ ନେଇ ଅଶୋକ ଅକ୍ଟୋବର ୨୨ରେ ଧୂଷୁରୀ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ମୁତାବକ, ଫେବୃୟାରୀ ୨୬ ରେ କମ୍ପ୍ୟୁଟର ଶିକ୍ଷକ ପାଇଁ ସରକାରୀ ଭାବେ ବିଜ୍ଞାପନ ପ୍ରକାଶିତ ହୋଇଥିଲା। ଅଭିଯୁକ୍ତମାନେ ଚାକିରି କରାଇଦେବା ପ୍ରଲୋଭନ ଦେଖାଇ ଅର୍ଥଠକିନେଇଥିଲେ। ଏପରିକି ଅଶୋକଙ୍କୁ ଭୁବନେଶ୍ୱର ନେଇ ମିଛରେ ସାକ୍ଷାତକାର କରାଇଥିଲେ। ଏକଥା ଜାଣିବା ପରେ ଅଶୋକ ଏତଲା ଦେଇଥିଲେ। ଧୂଷୁରୀ ଥାନାରେ ମାମଲା (ନଂ ୩୬୦/୨୪) ରୁଜୁ ହୋଇଥିଲା। ଅଭିଯୁକ୍ତ ଦୀପକ ଓ ପ୍ରଶାନ୍ତ ଫେରାର ଥିବା ଜଣାପଡ଼ିଛି।

# ୫୧ ପ୍ରକଳ୍ପ ପ୍ରଦର୍ଶିତ

ବନ୍ତ,୨୦।୧୧(ହରି ନାରାୟଣ ମହାନ୍ତି)

ଭଦ୍ରକ ଜିଲା ବନ୍ତ ବ୍ଲକ ସେଣ୍ଟତୀରାସ୍ଥିତ ଜନାର୍ଦ୍ଦନ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବୁଧବାର ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୫୧ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ପ୍ରଧାନ ଶିକ୍ଷକ ଅନନ୍ତ ଚରଣ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ମେଳାକୁ ପୂରାତନ ଛାତ୍ର ସଂସଦ ସଭାପତି ଅନାଦି ଚରଣ ସେନାପତି ଉଦ୍‌ଘାଟନ କରିଥିଲେ। ଏଥିରେ ଶିକ୍ଷାବିତ ପ୍ରମୋଦ କୁମାର ସ୍ୱାଇଁ , ବିଜ୍ଞାନ ଶିକ୍ଷକ ହିମାଂଶୁ ଶେଖର ବାରିକ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟ ସ୍ତରରେ ବିଜ୍ଞାନ ମେଳା ଆୟୋଜନ ଛାତ୍ରଛାତ୍ରୀମାନଙ୍କ ପାଇଁ ଗୁରୁତ୍ୱ ବହନ କରେ ବୋଲି କହିଥିଲେ। ବିଜ୍ଞାନ ଶିକ୍ଷୟିତ୍ରୀ ପ୍ରିୟମ୍ବଦା ରାଉତ, ପ୍ରଭାସିନୀ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, ପରିଚାଳନା କମିଟି ସଭ୍ୟାସଭ୍ୟ ସହଯୋଗ କରିଥିଲେ।


ବିଜ୍ଞାନ ମେଳାରେ ଜଣେ ଛାତ୍ର ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି।

# ବାଇପାସ୍ ରୋଡ୍ ନିର୍ମାଣ ପ୍ରସ୍ତାବ କାର୍ଯ୍ୟକାରୀ ଉପରେ ଗୁରୁତ୍ୱ

ବାସୁଦେବପୁର,୨୦।୧୧
(ନାରାୟଣ ପ୍ରସାଦ ବାରିକ୍)

## ବିଧାନସଭା ନିର୍ବାଚନ ମଣ୍ଡଳୀ ବିକାଶ କମିଟି ବୈଠକ



ବୈଠକରେ ଉପସ୍ଥିତ ନିର୍ବାଚନ ମଣ୍ଡଳୀ ବିକାଶ କମିଟିର ସଦସ୍ୟମାନେ।

ବାସୁଦେବପୁର ବ୍ଲକ କନଫରେନ୍ସ ହଲ ପରିସରରେ ବାସୁଦେବପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ବିକାଶ କମିଟିର ଗୁରୁତ୍ୱପୂର୍ଣ୍ଣ ବୈଠକ ବୁଧବାର ଅନୁଷ୍ଠିତ ହୋଇଛି। କମିଟିର ଚେୟାରମ୍ୟାନ ତଥା ବିଧାୟକ ଅଶୋକ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସମସ୍ତ ଲାଇନ୍ ଡିପାର୍ଟମେଣ୍ଟର ଅଧିକାରୀ ଉପସ୍ଥିତ ଥିଲେ। ବାସୁଦେବପୁର-ଜାମୁଝାଡ଼ି ରାସ୍ତାର ଏକ ବିକଳ୍ପ ବାଇପାସ୍ ରୋଡ୍ ନିର୍ମାଣର ଯେଉଁ ପ୍ରସ୍ତାବ ଅଛି ତାକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ବିଧାୟକ ଦାସ ଗୁରୁତ୍ୱ ଦେଇଥିଲେ। ପଦ୍ମପୁରଠାରେ ଥିବା ବିଦ୍ୟୁତ୍ ସବ୍‌ଷ୍ଟେଶନ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ବିଦ୍ୟୁତ୍ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ବାସୁଦେବପୁର ଡାକ୍ତରଖାନାର ଡାକ୍ତର ଅଭାବ ସମସ୍ୟା ସମାଧାନ ଓ ଅସମ୍ପୂର୍ଣ୍ଣ ଥିବା ୫ଟି ଡାକ୍ତରଖାନାର କାର୍ଯ୍ୟ ତୁରନ୍ତ ଶେଷ କରି ଡାକ୍ତରଖାନାକୁ ହସ୍ତାନ୍ତର କରିବାକୁ ଏଇଇଙ୍କୁ ବିଧାୟକ ତାଗିଦ୍ କରିଥିଲେ। କେତେଜଣ ନୂତନ ଶିକ୍ଷକ ନିଯୁକ୍ତି ହେଲେ ଓ କେତେ ଶିକ୍ଷକ ଡେପୁଟେସନରେ ଅଛନ୍ତି ତାର ଏକ ରିପୋର୍ଟ ବିଇଓଙ୍କୁ ମାଗିଥିଲେ। ବାତ୍ୟା ଓ ବନ୍ୟା ପ୍ରପୀଡ଼ିତ ଲୋକଙ୍କୁ ସଠିକ୍ ଆକଳନ କରି ତୁରନ୍ତ କ୍ଷତିପୂରଣ ଦେବାକୁ କହିଥିଲେ। ବିକାଶ ଓ ଉନ୍ନୟନ ମୂଳକ କାର୍ଯ୍ୟରେ ସହଯୋଗ କରିବାକୁ ସମସ୍ତ ଅଧିକାରୀଙ୍କୁ ବିଧାୟକ କହିଥିଲେ। ବାସୁଦେବପୁର ଥାନା ଗେଟ୍‌ରେ ଏକ ସ୍ଥାୟୀ ଫାଟକ ନିର୍ମାଣ ପାଇଁ ଆଇଆଇସି ଲୋପାମୁଦ୍ରା ନାୟକ, ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିବା ବେଳେ ଏ ଦିଗରେ ପଦକ୍ଷେପ ନିଆଯିବ ବୋଲି ବିଧାୟକ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ ଦତ୍ତ, ଡିପିଏମ୍‌ୟୁ(ଭଦ୍ରକ) ମହେଶ ଚନ୍ଦ୍ର ସ୍ୱାଇଁ, ସିଡିଏମ୍‌ଓ ଡା. ସୁଧାଂଶୁ ଶେଖର ବଳ, ବାସୁଦେବପୁର ବିଡିଓ ସଞ୍ଜୀବ କୁମାର ସାହୁ, ତିହିଡ଼ି ବିଡିଓ ଜ୍ୟୋର୍ତିମୟ କର, ପୌର ନିର୍ବାହୀ ଅଧିକାରୀ ସମୀର ରଞ୍ଜନ ଦାସ ପ୍ରମୁଖ ମଞ୍ଚାସିନ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

**ପୋଖରୀରେ ବୁଡ଼ି ଜଣେ ମୃତ**

ଘଟଗାଁ,(ରାଜେନ୍ଦ୍ର କୁମାର ପଟ୍ଟନାୟକ): କେନ୍ଦୁଝର ଜିଲା ଘଟଗାଁ ବ୍ଲକ୍ କୁସୁନୁପୁର ମୁସଲିମ ବସ୍ତିରେ ପୋଖରୀରେ ବୁଡ଼ି ଜଣେ ନାବାଳିକାଙ୍କ ମୃତ୍ୟୁ ଘଟିଛି। ମୃତକ ଘସିପୁରା ବ୍ଲକ୍ ଗଡ଼ବନ୍ଦୋବଡ଼ା ଗ୍ରାମର ସେକ ଜଲାଉଦ୍ଦିନଙ୍କ ଝିଅ ନର୍ଗିସ ଖାତୁନ୍। ସେ ମାଉସୀଙ୍କ ଝିଅ ବାହାଘରକୁ ଆସିଥିବା ବେଳେ ପୋଖରୀକୁ ଗାଧୋଇବାକୁ ଯାଇ ବୁଡି ଯାଇଥିଲେ। ଉଦ୍ଧାର କରି ଘଟଗାଁ ମେଡିକାଲରେ ଭର୍ତ୍ତି କରାଯାଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## କେନ୍ଦୁଝର

# ଫାଟ ମରାମତି ପରେ ରଡ୍ ୱେଲ୍ଡିଂ ହେଉଛି

### ଯୋଡ଼ା ଫ୍ଲାଏଓଭର ସ୍ଥାୟିତ୍ୱକୁ ନେଇ ଆଶଙ୍କା

ଯୋଡ଼ା,୨୦।୧୧(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ାଠାରେ ଡିଏମ୍ଏଫ୍ ଅର୍ଥ ବିନିଯୋଗରେ ନିର୍ମିତ ଓଡ଼ିଶାର ଦୀର୍ଘତମ ଫ୍ଲାଏଓଭରର ସ୍ଥାୟିତ୍ୱକୁ ନେଇ ଆଶଙ୍କା ଉପୁଜିଲାଣି। ଉଦ୍‌ଘାଟନ ଦିନଠାରୁ ଏହାର ମରାମତି କାର୍ଯ୍ୟ ଜାରି ରହିଛି। ପ୍ରଥମେ ଫାଟ ହୋଇ ରଡ୍‌ଗୁଡ଼ିକ କଂକ୍ରିଟରୁ ବାହାରକୁ ଦେଖାଯାଉଥିଲା। ଏହାର ମରାମତି କିଛିଦିନ ବ୍ୟବଧାନରେ ଚାଲିଥିବା ବେଳେ ଏବେ ରାସ୍ତା ଅବରୋଧ କରାଯାଇ ସ୍ଥାନେ ସ୍ଥାନେ ଶୋଚନୀୟ ଅବସ୍ଥାରେ ଥିବା ରଡ୍ ୱେଲ୍ଡିଂ କାମ ଚାଲିଛି। ରାସ୍ତା ମରାମତି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରୁ ନ ଥିବାରୁ ଟ୍ରକ୍ ଚଳାଚଳ ସମୟରେ ଟ୍ରାଫିକ୍ ସମସ୍ୟା ଦେଖାଦେଉଛି।


ଠିକା ସଂସ୍ଥା କର୍ମଚାରୀମାନେ ମରାମତି କରୁଛନ୍ତି।

ସୂଚନାଯୋଗ୍ୟ, ଜିଲା ଖଣିଜ ପାଣ୍ଠିରୁ ୨୫୦ କୋଟି ଟଙ୍କା ବ୍ୟୟ ଅଟକଳରେ ଏହି ଫ୍ଲାଏଓଭର ନିର୍ମାଣ ହୋଇଥିଲା। ୧୦ ମାର୍ଚ୍ଚ ୨୦୨୪ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଏହାକୁ ଲୋକାର୍ପଣ କରିଥିଲେ। ଏହାର ନିର୍ମାଣ ପାଇଁ ଓଡ଼ିଶା ବ୍ରିଜ୍ କନ୍‌ଷ୍ଟ୍ରକ୍ସନ କର୍ପୋରେଶନ ଲିମିଟେଡ୍(ଓବିସିସି) ପକ୍ଷରୁ ଗୁଜରାଟ ରାଜ୍ୟର ଚେଭରୋକ୍ସ କମ୍ପାନୀକୁ ଦାୟିତ୍ୱ ଦିଆଯାଇଥିଲା। ଲୋକାର୍ପଣ ସମୟରେ ଏହାର ସ୍ଥାୟିତ୍ୱ ୧୦୦ ବର୍ଷ ରହିବ ବୋଲି ଠିକାସଂସ୍ଥା ପକ୍ଷରୁ କୁହାଯାଇଥିଲା। ମାତ୍ର ଏକ ବର୍ଷ ନ ପୂରୁଣୁ ଫ୍ଲାଏ୍‌ଓଭର ଫାଟି ଆଁ କଲାଣି, ଯାହାର ସ୍ଥାୟିତ୍ୱକୁ ନେଇ ଏବେ ସାଧାରଣରେ ପ୍ରଶ୍ନ ଉଠିଛି। ପୂର୍ବରୁ ଫାଟିଥିବା ସ୍ଥାନ ମରାମତି ନିୟମିତ ବ୍ୟବଧାନରେ ହେଉଥିବା ବେଳେ ବୁଧବାର ଶୋଚନୀୟ ଅବସ୍ଥାରେ ଥିବା ଲୁହାଛଡ଼ ୱେଲ୍ଡିଂ ହେଉଥିବା ଦେଖାଯାଇଛି। ଏ ନେଇ ରାସ୍ତା ଅବରୋଧ କରାଯାଇଥିବାରୁ ଟ୍ରାଫିକ୍ ସମସ୍ୟା ଉପୁଜିଥିଲା। ଟ୍ରକ୍ ଡ୍ରାଇଭର ବିର୍ସିଂ ଗୁପ୍ତା, ଦିଗ୍‌ବିଜୟ ସିଂ, ଦିଗପାଳ ଯାଦବ କହିଛନ୍ତି, ଫ୍ଲାଏଓଭର ଉପରେ ଭାରିଯାନ ଚଳାଇବାକୁ ଭୟ ଲାଗୁଛି। କିଛି ସ୍ଥାନରେ ବ୍ୟାରିକେଡ୍ ଲଗାଯାଇ ରାସ୍ତା ଅବରୋଧ କରାଯାଇଥିବାରୁ ଦୁର୍ଘଟଣା ହେବାର ଆଶଙ୍କା ବଢ଼ିଯାଇଛି। ଗତି ନିୟନ୍ତ୍ରକ ହମ୍ପ୍‌ସ ନ ଥିବାରୁ ଛୋଟଗାଡ଼ି ଦ୍ରୁତଗତିରେ ଚଳାଚଳ କରୁଛି। ଅନ୍ୟପକ୍ଷେ ମରାମତି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରୁ ନ ଥିବାରୁ ବାଂଶପାଣିଠାରୁ ଜୁରୁଡ଼ି ପର୍ଯ୍ୟନ୍ତ ରାସ୍ତା ଜାମ୍ ରହୁଛି। ପୂର୍ବତନ ଯୋଡ଼ା ଉପନଗରପାଳ ପୁରୁଷୋତ୍ତମ ଦାସ କହିଛନ୍ତି, ଯୋଡ଼ା ଜନସାଧାରଣଙ୍କ ସୁରକ୍ଷା ନିମନ୍ତେ ୩ କି.ମି ଲମ୍ବର ଫ୍ଲାଏଓଭର ବ୍ରିଜ୍ ତିଆରି ହୋଇଥିଲା। ନିମ୍ନମାନର କାର୍ଯ୍ୟ ପାଇଁ ଏହା ବର୍ତ୍ତମାନ ଜନସାଧାରଣଙ୍କ ପାଇଁ ବିପଦ ସାଜିଛି। ଓବିସିସିର ଇଞ୍ଜିନିୟର ଧନେଶ୍ୱର ମାଝୀ କହିଛନ୍ତି, ଅତ୍ୟଧିକ ଭାରିଯାନ ଚଳାଚଳ ଯୋଗୁ ଫ୍ଲାଏଓଭରର ଛାତ ଉପରେ ରଡ୍ ୱେରିଂ କୋଟ କ୍ଷତିଗ୍ରସ୍ତ ହେଉଛି। ଏହାର ମରାମତି କାର୍ଯ୍ୟ ଚାଲିଥିବା ସେ ସୂଚନା ଦେଇଛନ୍ତି।

## ଛାତ୍ରଙ୍କୁ ଗୋଇଠା ମାଡ଼ ଘଟଣାରେ ତଦନ୍ତ ଆରମ୍ଭ

କେନ୍ଦୁଝର,୨୦।୧୧(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଟାଉନ ଥାନା ଅଧୀନ ରାଙ୍କି ଗ୍ରାମସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟର ଜଣେ ଶିକ୍ଷକ ସେହି ବିଦ୍ୟାଳୟର ଜଣେ ଛାତ୍ରଙ୍କୁ ଖରାପ ଭାଷାରେ ଗାଳିଗୁଲଜ କରିବା ସହ ଗୋଇଠା ମାରିଥିବା ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା(ନଂ.୫୬୭/୨୦୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପ୍ରକାଶ ଯେ, ଗତ ୧୮ ତାରିଖରେ ନବମ ଶ୍ରେଣୀରେ ପଢୁଥିବା ଛାତ୍ର ଜଣକ ଠିଆ ହୋଇଥିବା ବେଳେ ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ଅନୁରାଗ ମିଶ୍ର ପଛ ପଟୁ ଗୋଇଠା ମାରିଥିଲେ। ଛାତ୍ର ଜଣକ ଆହତ ହେବା ସହ ଠିକ୍ ଭାବେ ଛିଡ଼ା ହୋଇ ପାରୁ ନ ଥିବା ତାଙ୍କ ପିତା ଅଭିଯୋଗରେ ଦର୍ଶାଇଛନ୍ତି। ପୋଲିସ ବୁଧବାର ସ୍କୁଲ ଯାଇ ତଦନ୍ତ ଆରମ୍ଭ କରିଛି। ଟାଉନ ଥାନା ଅଧିକାରୀ ଶ୍ରୀକାନ୍ତ ସାହୁ କହିଛନ୍ତି, ଅଭିଯୋଗ ପରେ କେସ ରୁଜୁ କରାଯାଇ ଘଟଣାର ତଦନ୍ତ ଚାଲିଛି। କେନ୍ଦ୍ରୀୟ ବିଦ୍ୟାଳୟର ଅଧ୍ୟକ୍ଷ ସୁଶାନ୍ତ ସାହୁ କହିଛନ୍ତି, ପୋଲିସ ତଦନ୍ତ ପରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## କୃଷି ବିଭାଗ କାର୍ଯ୍ୟାଳୟରେ ତଦନ୍ତ କଲା ପୋଲିସ

### ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ଫଟୋକୁ ବିକୃତ କରିବା ଘଟଣା

କେନ୍ଦୁଝର,୨୦।୧୧(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଉପ ନିର୍ଦ୍ଦେଶକ, ଉଦ୍ୟାନ କୃଷିବିଭାଗ କାର୍ଯ୍ୟାଳୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଫୋଟଚିତ୍ରକୁ ବିକୃତ କରାଯାଇଥିବା ନେଇ ମଙ୍ଗଳବାର ରାତିରେ ଭାଜପା ପକ୍ଷରୁ ଟାଉନଥାନାରେ ଅଭିଯୋଗ ହୋଇଥିଲା। ଘଟଣାରେ ପୋଲିସି ତଦନ୍ତ ଆରମ୍ଭ କରିଛି।

ସୂଚନାଯୋଗ୍ୟ, ରାଧାକାନ୍ତ ମହାନ୍ତ ଭାଜପା ରାଜ୍ୟକାର୍ଯ୍ୟକାରିଣୀ ସଦସ୍ୟ, ଜିଲା କାର୍ଯ୍ୟାଳୟ ସମ୍ପାଦକ ପ୍ରକାଶ ଚନ୍ଦ୍ର ସୁତ୍ରଧର ଓ ଅନ୍ୟମାନେ ଉପ ନିର୍ଦ୍ଦେଶକ, ଉଦ୍ୟାନ କୃଷିବିଭାଗ କାର୍ଯ୍ୟାଳୟକୁ ଯାଇଥିଲେ। ଉପ ନିର୍ଦ୍ଦେଶକ ଉଦ୍ୟାନ କୃଷିବିଭାଗ ସୌମେନ୍ଦ୍ର ନାରାୟଣ ପାଣିଗ୍ରାହୀଙ୍କ କାର୍ଯ୍ୟାଳୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଫୋଟଚିତ୍ରରେ ନିଶ, ଦାଢି କରି ବିକୃତ କରି ପ୍ରଦର୍ଶନ କରାଯାଇଥିବା ଦେଖିଥିଲେ। ଏହା ସରକାରଙ୍କ ସମସ୍ତ ମାର୍ଗଦର୍ଶିକା ଏବଂ ନିୟମକୁ ଉଲ୍ଲଙ୍ଘନ କରୁଛି। ଏହାର ଫଟୋଚିତ୍ର ଉଠାଇ ଟାଉନ ଥାନା ଅଧିକାରୀଙ୍କୁ ପଠାଇବା ସହିତ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅଭିଯୋଗ ହୋଇଛି। ବୁଧବାର ପୋଲିସ ଉକ୍ତ ଅଫିସକୁ ଯାଇ ତଦନ୍ତ ଆରମ୍ଭ କରିଛନ୍ତି। ଉକ୍ତ ସ୍ଥାନରେ ସିସିଟିଭି ନ ଥିବା ଜଣାପଡ଼ିଛି। ଟାଉନ ଥାନା ଅଧିକାରୀ ଶ୍ରୀକାନ୍ତ ସାହୁ କହିଛନ୍ତି, ଅଭିଯୋଗ ଆଧାରରେ ମାମଲା।(ନଂ.୫୬୯/୨୪)ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

## ସରକାରୀ ଜାଗାରୁ ଦୋକାନ ଉଚ୍ଛେଦ

ଛେନାପଦି,୨୦।୧୧(ନିରାକାର ପରିଡା)

କେନ୍ଦୁଝର ଜିଲା ନନ୍ଦିପଦା ଥାନା ଅଧୀନ ଓରାଳି ନିକଟ ସରକାରୀ ଜାଗାରୁ ପ୍ରଶାସନ ଦୋକାନ ଗୃହ ଉଚ୍ଛେଦ କରିଛି। ଗ୍ରାମର ବୃନ୍ଦାବନ ଜେନାଙ୍କ ପୁଅ ଶ୍ରୀକାନ୍ତ ଜେନା ଏକ ପାନ ଓ ତେଜରାତି ଦୋକାନ କରି ପରିବାର ଗୁଜରାଣ କରୁଥିଲେ। ମାତ୍ର ସରକାରୀ ଜାଗାରେ ଦୋକାନ ଯୋଗୁ ସ୍ଥାନୀୟ ଲୋକେ ଅଭିଯୋଗ କରୁଥିଲେ। ତହସିଲ ପକ୍ଷରୁ ଶ୍ରୀକାନ୍ତଙ୍କୁ ବାରମ୍ବାର ନୋଟିସ ପରେ ବି ସେ ଜାଗା ନ ଛାଡ଼ି ନ ଥିଲେ। ହାଟଡ଼ିହୀ ତହସିଲଦାର ବୁଧବାର ହାବିଲ ସ୍କାସ୍କା ଓ ନନ୍ଦିପଦା ଥାନା ଅଧିକାରୀ ରବିନ୍ଦ୍ର ପାତ୍ରଙ୍କ ମିଳିତ ଉପସ୍ଥିତିରେ ଦୋକାନ କ୍ୟାବିନଟିକୁ ଭାଙ୍ଗି ଦିଆଯାଇଥିଲା।

## 'କୁନି ବୈଜ୍ଞାନିକ ସୃଷ୍ଟି କରେ ବିଜ୍ଞାନ ମେଳା'

ଛେନାପଦି/ବଡଲା,୨୦।୧୧
(ନିରାକାର ପରିଡ଼ା/ଦୁର୍ଗା ପ୍ରସାଦ ଆୟଚ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍‌ର ହାଟଡ଼ିହୀ ହାଇସ୍କୁଲରେ ବ୍ଲକ୍‌ସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶ ମେଳା–୨୦୨୪ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ହାଟଡ଼ିହୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଓମକାର ଅନ୍ୱେଶ, ମୁଖ୍ୟ ବକ୍ତାଭାବେ ନନ୍ଦିପଦା ଥାନା ଅଧିକାରୀ ରବିନ୍ଦ୍ର ପାତ୍ର, ସମ୍ମାନିତ ଅତିଥିଭାବେ ଏବିଓ ପ୍ରମୋଦ ନାୟକ, ହାଟଡ଼ିହୀ ହାସ୍କୁଲର ପ୍ରଧାନ ଶିକ୍ଷକ ପରମାନନ୍ଦ ପରିଡ଼ା ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ବ୍ଲକ୍‌ସ୍ତରୀୟ ବିଜ୍ଞାନ ମେଳା ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିଯୋଗିତା ସୃଷ୍ଟି କରେ। କୁନି ବୈଜ୍ଞାନିକ ସୃଷ୍ଟି କରିବାର ଏକ ମାଧ୍ୟମ ସାଜିଥାଏ। ଏହା ଦ୍ୱାରା ଛାତ୍ରୀଛାତ୍ରମାନେ ଆଧୁନିକ ଯୁଗରେ ବିଜ୍ଞାନ ପ୍ରତି ଆକୃଷ୍ଟ ହେବା ସହିତ ଏହାର ଭୂମିକାକୁ ଗୁରୁତ୍ୱ ଦେବେ ବୋଲି ଅତିଥିମାନେ ମତବ୍ୟକ୍ତି କରିଥିଲେ। ଶିକ୍ଷୟିତ୍ରୀ କଲ୍ୟାଣୀ



ବିଜ୍ଞାନ ମେଳାରେ ଉପସ୍ଥିତ ଅତିଥିମାନେ।

ରାଉତ, ଶ୍ରୀକାନ୍ତ ପଟ୍ଟନାୟକ, ଗଜେନ୍ଦ୍ର ସେଠୀ ଓ ସିଆରସିସି ଦେବାଶିଷ୍ ବାରିକ ସଂଯୋଜନା କରିଥିବାବେଳେ ଶିକ୍ଷୟିତ୍ରୀ ଅନିତା ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ମେଳାରେ ୧୦୮ ପ୍ରକଳ୍ପ କରାଯାଇଥିଲା। ଶିକ୍ଷକ ବ୍ରଜ କିଶୋର ସାହୁ, ସଞ୍ଜୟ ମହାପାତ୍ର, ଶତ୍ରୁଘନ ସାହୁ, ବିଦ୍ୟାଧର ସାହୁ ବିଚାରକ ଭାବେ ବିଭିନ୍ନ ପ୍ରକଳ୍ପ ବୁଲି ମାନ ନିର୍ଦ୍ଧାରଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ସଭାପତିତ୍ୱରେ ଏବିଓ ନାୟକ, ଶ୍ରୀକାନ୍ତ ପଟ୍ଟନାୟକ, ବିଶ୍ୱ କଲ୍ୟାଣି ରାଉତ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପରମାନନ୍ଦ ପରିଡ଼ା, ବାହାରିପୁର ହାଇସ୍କୁଲର ପ୍ରଧାନଶିକ୍ଷକ ଜୟକୃଷ୍ଣ ମିଶ୍ର ଯୋଗଦେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସିନିୟର ଗ୍ରୁପର ୭ ପ୍ରକଳ୍ପ ଓ ଜୁନିୟର ଗ୍ରୁପର ୩ ପ୍ରକଳ୍ପକୁ ଜିଲାସ୍ତରକୁ ମନୋନିତ କରାଯାଇଥିଲା। ଅନିତା ବେହେରା, ମାନସ ନାୟକ, ତୃପ୍ତିମୟୀ ଜେନା, ନିବେଦିତା ସିଂ, ମାନସୀ ସାହୁ, ଲିଳାବତୀ ଜେନା, ଲକ୍ଷ୍ମଣ ମାଝୀ ପ୍ରମୁଖଙ୍କ ସମେତ ସମସ୍ତ ସିଆରସି ସହଯୋଗ କରିଥିଲେ।

## ଅନିଲ ରାଜ୍ୟ ହାବିଲଦାର ମହାସଂଘର ସଭାପତି

କେନ୍ଦୁଝର,୨୦।୧୧(ନରେଶ ଚନ୍ଦ୍ର ପଟ୍ଟନାୟକ)

ଓଡ଼ିଶା ହାବିଲଦାର, ସିପାହୀ ଓ କନେଷ୍ଟବଳ ମହସଂଘର ସଭାପତି ହେଲେ ଅନିଲ କୁମାର ଷଣ୍ଢ। କେନ୍ଦୁଝର ଜିଲା ସଂଘର ତୃତୀୟ ଥର ସଭାପତି ଥାଏ ମହାସଂଘର ପ୍ରଥମ ସଭାପତି ହୋଇଛନ୍ତି। ଏ ନେଇ କେନ୍ଦୁଝର ଜିଲାର ପୋଲିସ ବିଭାଗର ସମସ୍ତ କର୍ମଚାରୀ ମାନେ ଖୁସି ବ୍ୟକ୍ତ କରିବା ସହ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଗତ ନଭେମ୍ବର ୧୬ ରେ ପ୍ରତ୍ୟେକ ଜିଲାରେ ନିର୍ବାଚନ ହୋଇଥିବା ବେଳେ ନଭେମ୍ବର ୧୯ ରେ କଟକସ୍ଥିତ ପୋଲିସ ମହାନିର୍ଦ୍ଦେଶକଙ୍କ ମୁଖ୍ୟ କାର୍ଯ୍ୟାଳୟରେ ଗଣତି ହୋଇଥିଲା।

## ଦୁର୍ଘଟଣାଗ୍ରସ୍ତ ଟ୍ରକ୍‌ରୁ ବିଲାତି ନେଇଗଲେ


ରାସ୍ତାରେ ଓଲଟି ପଡ଼ିଥିବା ଟ୍ରକରୁ ଲୋକେ ବିଲାତି ବୋହି ନେଉଛନ୍ତି।

ପାଟଣା,୨୦।୧୧(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ୪୯ ନମ୍ବର ଜାତୀୟ ରାଜପଥ ଚେମେଣା ନର୍ସରୀ ଛକରେ ବୁଧବାର ଭାରସାମ୍ୟ ହରାଇ ଏକ ବିଲାତି ବୋଝେଇ ଟ୍ରକ୍ ଓଲଟି ପଡ଼ିଥିଲା। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ମାନବିକତା ଡ୍ରାଇଭର, ହେଲପରଙ୍କୁ ଉଦ୍ଧାର କରିବାକୁ ଭୁଲି ଟ୍ରେ ଟ୍ରେ ବିଲାତି ଘରକୁ ବୋହି ନେଇଥିଲେ। ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

ସୂଚନା ଅନୁଯାୟୀ, ଟ୍ରକଟି ନାଶିକରୁ କୋଲକତା ଯାଉଥିଲା। ଯାନ୍ତ୍ରିକ ତ୍ରୁଟି ଯୋଗୁ ଭାରସାମ୍ୟ ହରାଇ ଚେମେଣା ନର୍ସରୀ ଛକରେ ଦୁର୍ଘଟଣା ଗ୍ରସ୍ତ ହୋଇଥିଲା। ଟ୍ରକଟି ରାସ୍ତା ଉପରେ ଓଲଟି ପଡ଼ିଥିଲା। ଏଥିରେ ଚାଳକ ଓ ଖଲାସୀ ଆହତ ହୋଇଛନ୍ତି। ଦୁର୍ଘଟଣା ଗ୍ରସ୍ତଙ୍କୁ ଉଦ୍ଧାର କରିବା ପରିବର୍ତ୍ତେ ବିଲାତି ଦର ଏବେ ମାହଙ୍ଗା ଥିବାରୁ ସ୍ଥାନୀୟ ଲୋକେ ବିଲାତି ଘରକୁ ବୋହି ନେଇଥିଲେ। ପ୍ରାୟ ଲକ୍ଷାଧିକ ଟଙ୍କାର ବିଲାତି ନଷ୍ଟ ହୋଇଥିବା ଚାଳକ କହିଛନ୍ତି। ପରେ ପୋଲିସ ପହଞ୍ଚି ଆହତଙ୍କୁ ମେଡ଼ିକାଲ ପଠାଇ ତଦନ୍ତ କରୁଛି।

## ମୟୂରଭଞ୍ଜ

# ପ୍ରାଣୀ ସମ୍ପଦର ବିକାଶ ଉପରେ ଗୁରୁତ୍ୱ

### ସରିଲା ଜିଲାସ୍ତରୀୟ ମତ୍ସ୍ୟ,ପ୍ରାଣୀସମ୍ପଦ ମେଳା

ବାରିପଦା,୨୦।୧୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦାସ୍ଥିତ କଲେଜ ପଡ଼ିଆରେ ଚାଲିଥିବା ମୟୂରଭଞ୍ଜ ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସମାରୋହରେ ରାଜ୍ୟସଭା ସଦସ୍ୟା ମମତା ମହାନ୍ତ, ଏମ୍‌ପି ନବ ଚରଣ ମାଝୀ, ଉଦଳା ବିଧାୟକ ଭାସ୍କର ଚନ୍ଦ୍ର ମଢ଼େଇ, ରାଇରଙ୍ଗପୁର ବିଧାୟକ ଜଲେନ ନାଏକ, ବାଙ୍ଗରିପୋଷି ବିଧାୟିକା ସଞ୍ଜଲି ମୁର୍ମୁ, ସୁଖଦା ମୁର୍ମୁ, ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସକ ଡ. କଳ୍ପତରୁ ସ୍ୱାଇଁ, ଜିଲା ମତ୍ସ୍ୟ ସମ୍ପଦ ଅଧିକାରୀ ମାନସ ରଞ୍ଜନ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ।


ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ଅତିଥିମାନେ।

ଏହି ଅବସରରେ ଅତିଥିମାନେ ଗୋ ପୂଜନ କରିଥିଲେ। ଚାଷୀମାନେ ପ୍ରାଣୀପାଳନ କରି ନିଜର ଗୁଜୁରାଣ ମେଣ୍ଟାଇବା ସହିତ ପ୍ରାଣୀଧନରେ ଦେଶର ମାନ ବୃଦ୍ଧି କରିବା ପାଇଁ ପରାମର୍ଶ ଦେଇଥିଲେ। ଜିଲାରେ ଭଲ କାର୍ଯ୍ୟ କରି ସଫଳତା ହାସଲ କରିଥିବା ମତ୍ସ୍ୟ ଓ ପ୍ରାଣୀ ଚାଷୀ ଗୋବିନ୍ଦ ଚନ୍ଦ୍ର ମହାପାତ୍ର, ଗୋବର୍ଦ୍ଧନ ଶୋଲ, ମା' ଅମ୍ବିକା ସ୍ୱୟଂ ସହାୟକ ଗୋଷ୍ଠୀ, ବେତନଟୀ, ବଜରଙ୍ଗୀ ସ୍ୱୟଂ ସହାୟକ ଗୋଷ୍ଠୀ ଓ ବିଜେତଲାର ମେଘରାୟ ସୋରେନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ମେଳାରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ଏବଂ ଅନ୍ୟାନ୍ୟ ବିଭାଗୀୟ କାର୍ଯ୍ୟକ୍ରମର ପ୍ରଦର୍ଶନୀ ଆୟୋଜିତ ହେବା ସାଙ୍ଗକୁ ପ୍ରାଣୀ ସମ୍ପଦ ବିକାଶ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ସମସ୍ତ ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ,ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ, ଜିଲାସ୍ତରୀୟ ଅଧିକାରୀ, ଜନ ପ୍ରତିନିଧି ଓ ବିଭାଗୀୟ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଘରେ ବସିଥିବା ବେଳେ ଜୀବନ ଗଲା

ଗୋପବନ୍ଧୁ ନଗର,୨୦।୧୧
(ଶାନ୍ତନୁ କୁମାର ମତୁଆଳ)

ଖୁଣ୍ଟା ଥାନା ବାସିପିଠା ପଞ୍ଚାୟତ ଖେଜୁରିଡିହା ଗ୍ରାମର ବୁଧବାର ରାତିରେ ଜଣେ ବ୍ୟକ୍ତିଙ୍କ ଆକସ୍ମିକ ମୃତ୍ୟୁ ଘଟିଛି। ମୃତକ ହେଲେ ରାମଚନ୍ଦ୍ର ନାଏକ। ପୋଲିସ ମୃତଦେହ ଜବତ କରି ବ୍ରବଚ୍ଛେଦ ପାଇଁ ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.. ୭୯/୨୪) ରୁଜୁ ହୋଇଛି। ଘରେ ବସିଥିବା ବେଳେ ହଠାତ ସେ ଅସୁସ୍ଥତା ଅନୁଭବ କରିଥିଲେ। ତାଙ୍କୁ ପ୍ରଥମେ ଡୁକୁରା ଡାକ୍ତରଖାନା ଓ ପରେ ବାରିପଦା ମୁଖ୍ୟ ଡାକ୍ତରଖାନାକୁ ନିଆ ଯାଇଥିଲେ ମଧ୍ୟ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।

## ୪୩ ୟୁନିଟ ରକ୍ତ ସଂଗ୍ରହ


ଶିବିରରେ ଉପସ୍ଥିତ ଅତିଥିମାନେ।

ବାରିପଦା,୨୦।୧୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ସମବାୟ ସପ୍ତାହ ପାଳନ ଅବସରରେ ବୁଧବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ସମବାୟ ସମିତି ସମୂହ ବାରିପଦା ଖଣ୍ଡର ଉପ ନିବନ୍ଧକ କାର୍ଯ୍ୟାଳୟରେ ଅନୁଷ୍ଠିତ ରକ୍ତଦାନ ଶିବିରକୁ ସାରସକଣା ବିଧାୟକ ଭାଦବ ହାଁସଦା ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥି ଭାବେ ଉପ ନିବନ୍ଧକ କୃଷ୍ଣଚନ୍ଦ୍ର ଦାସ, ସାମାଜିକ କର୍ମୀ ଅମର ସେଠି ପ୍ରମୁଖ ଯୋଗ ଦେଇ ରକ୍ତଦାନ ପରି ମହତ ଦାନ କରିବା ପାଇଁ ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ବାରିପଦା ରକ୍ତ ଭଣ୍ଡାରର ଅଧିକାରୀ ଓ କର୍ମଚାରୀଙ୍କ ସହାୟତାରେ ରକ୍ତ ସଂଗ୍ରହ କରାଯାଇଥିଲା। ଉକ୍ତ ଶିବିରରୁ ମୋଟ ୪୩ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଶିବିରରେ ବଶିଷ୍ଠ ସହକାରୀ ନିବନ୍ଧକ ବାରିପଦା ଅଶୋକ କୁମାର ପାଣି, ବଶିଷ୍ଠ ସହକାରୀ ନିବନ୍ଧକ କପ୍ତିପଦା ଶାଶ୍ୱତୀ ମହାନ୍ତି, ସହକାରୀ ନିବନ୍ଧକ ବାରିପଦା ତୁଷାରକାନ୍ତି ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।

## କରଞ୍ଜିଆ ଲ୍ୟାମ୍ପସ୍‌ର ବାର୍ଷିକ ବୈଠକ

କରଞ୍ଜିଆ, ୨୦।୧୧(କବିତା ମହାନ୍ତ)

କରଞ୍ଜିଆ ଲ୍ୟାମ୍ପସ୍‌ର ବାର୍ଷିକ ବୈଠକ କରଞ୍ଜିଆ ଉଚ୍ଚ ବିଦ୍ୟାଳୟ ପୁରାତନ ଛାତ୍ର ସଂସଦ ସମ୍ମିଳନୀ କକ୍ଷରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଲ୍ୟାମ୍ପସ୍‌ର ସଭାପତି ଗିରିଶ ଚନ୍ଦ୍ର ଗିରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏଆର୍‌ସିଏସ୍ ବସନ୍ତ କୁମାର ନାୟକ, ଏସ୍‌ଆର୍‌ସିଏସ୍ ନାରାୟଣ ପାତ୍ର, ଏମସିସି ବ୍ୟାଙ୍କର ଜ୍ୟୋତିନ୍ଦ୍ର ନାଥ ଗିରି, ରାଜ୍ୟ ସମବାୟ ସମିତିର ନିର୍ଦ୍ଦେଶକ ଗିରିଧାରୀ ପୃଷ୍ଟି ଏବଂ ଭୁବନ ବିହାରୀ ସାହୁ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବୈଠକରେ ବ୍ଲକର ସମସ୍ତ ଚାଷୀ ସଭ୍ୟା ସଭ୍ୟ ଅଂଶ ଗ୍ରହଣ କରିଥିଲେ। ଲ୍ୟାମ୍ପସ୍‌ର ପରିଚାଳନା ନିର୍ଦ୍ଦେଶକ ପ୍ରଦୀପ ଚନ୍ଦ୍ର ଗିରି ଯୋଗ ଦେଇଥିବା ସମସ୍ତ ପଦାଧିକାରୀ ସଭ୍ୟା ସଭ୍ୟଙ୍କୁ ସ୍ୱାଗତ ଜଣାଇ ବୈଠକର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ବୈଠକରେ ସମିତିର ନୂତନ ଜମି ଅଧିଗ୍ରହଣ କରିବାପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଚାଷୀମାନଙ୍କୁ ଉଚିତ ଦରରେ ସାର, ବିହନ ଔଷଧ, ବିହନ ଯୋଗାଇବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଚଳିତ ବର୍ଷ ଚାଷୀମାନଙ୍କୁ ଧାନର ସହାୟକ ମୂଲ୍ୟ ପ୍ରଦାନ କରିବା ପାଇଁ ପ୍ରସ୍ତାବ ରଖାଯାଇଥିଲା। ପରିଚାଳନା ନିର୍ଦ୍ଦେଶକ ଗିରି ଧନ୍ୟବାଦ ଦେଇଥିଲେ।

## ଗାଡ଼ି ଧକ୍କାରେ ବାର୍‌ହା ମୃତ

ଠାକୁରମୁଣ୍ଡା,୨୦।୧୧(ତାରାକାନ୍ତ ପଟ୍ଟନାୟକ)

ଠାକୁରମୁଣ୍ଡା–କରଞ୍ଜିଆ ରାସ୍ତାର ଚମକପୁରଠାରେ ଗାଡ଼ି ଧକ୍କାରେ ଏକ ବାର୍‌ହାର ମୃତ୍ୟୁ ହୋଇଛି। ମଙ୍ଗଳବାର ବିଳମ୍ବିତ ରାତିରେ ରାସ୍ତା ଅତିକ୍ରମ କରୁଥିବା ସମୟରେ କୌଣସି ଗାଡ଼ି ଉକ୍ତ ବାର୍‌ହାକୁ ଧକ୍କା ଦେବା କାରଣରୁ ତା'ର ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ବୁଧବାର ସକାଳେ ରାସ୍ତା କଡ଼ରେ ମୃତ ବାର୍‌ହାକୁ ଦେଖି ସ୍ଥାନୀୟ ଲୋକେ ଠାକୁରମୁଣ୍ଡା ବନ ବିଭାଗକୁ ଖବର ଦେଇଥିଲେ। ବନ କର୍ମଚାରୀ ପହଞ୍ଚି ମୃତ ବାର୍‌ହାକୁ ଉଦ୍ଧାର କରିଥିଲେ। ଠାକୁରମୁଣ୍ଡା ପ୍ରାଣୀ ଚିକିତ୍ସାଳୟରେ ବ୍ୟବଚ୍ଛେଦ ପରେ ବନ ବିଭାଗ ତାକୁ ମାଟି ଖୋଳି ପୋତିଦେଇଛି। ମୃତ ବାର୍‌ହାଟି ଅଣ୍ଡିରା ହୋଇଥିବା ବେଳେ ତା'ର ଲମ୍ବ ୫ ଫୁଟ୍ ଓ ଉଚ୍ଚତା ୪.୬ ଇଞ୍ଚ ବୋଲି ଜଣାପଡ଼ିଛି।


ମୃତ ବାର୍‌ହା।

# ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'

### ମୟୂରଭଞ୍ଜ ଜିଲା ଛାତ୍ରୀଛାତ୍ରଙ୍କ ସଫଳତା

ବାରିପଦା,୨୦।୧୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ଆୟୋଜିତ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ସୁରଭି–୨୦୨୪ରେ ମୟୂରଭଞ୍ଜ ଜିଲାର ପ୍ରତିଯୋଗୀ କୃତିତ୍ୱ ହାସଲ କରି ଜିଲା ପାଇଁ ଗୌରବ ଆଣିଛନ୍ତି। ଏକାଦଶରୁ ଦ୍ୱାଦଶ ବରିଷ୍ଠ ଉଚ୍ଚ ମାଧ୍ୟମିକ ବର୍ଗର ବକ୍ତୃତାରେ ବନାନୀ ବେହେରା ପ୍ରଥମ, ଚିତ୍ରାଙ୍କନ (ଦିବ୍ୟାଙ୍ଗ)ରେ ରସିଦା ପରୱିନ ତୃତୀୟ, କୁଇଜ୍‌ରେ ସମିତ ଗିରି ତୃତୀୟ, ସଙ୍ଗୀତ (ଦିବ୍ୟାଙ୍ଗ)ରେ ଗୁରୁବାରି ମୁର୍ମୁ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଚତୁର୍ଥରୁ ସପ୍ତମ କନିଷ୍ଠ ବର୍ଗର ଚିତ୍ରାଙ୍କନରେ ଜ୍ୟୋତିପ୍ରଭା ଦେବୀ ତୃତୀୟ, କୁଇଜ୍‌ରେ ନିତେଶ ଗୋଚ୍ଛାୟତ ତୃତୀୟ, ଓଡ଼ିଆ ହସ୍ତାକ୍ଷର ଓ ଶ୍ରୁତ ଲିଖନରେ ସ୍ନେହାସିନୀ ବେହେରା ଦ୍ୱିତୀୟ ସ୍ଥାନ ଅଧିକାର କରି ଜିଲା ପାଇଁ ଗୌରବ ଆଣିଦେଇଛନ୍ତି। ସେହିପରି ସରକାରୀ ରାଜ୍ୟସ୍ତରୀୟ ସ୍କୁଲ ବ୍ୟାଣ୍ଡ ପ୍ରତିଯୋଗିତାରେ


ମୟୂରଭଞ୍ଜ ଜିଲାର କୃତୀ ଛାତ୍ରୀଛାତ୍ରମାନେ।

ପାଇପ୍ ବ୍ୟାଣ୍ଡ ବାଳକ ବିଭାଗରେ କରଞ୍ଜିଆ ବିବେକାନନ୍ଦ ବିଦ୍ୟାଳୟ ପ୍ରଥମ ସ୍ଥାନ ଅଧିକାର କରି ସର୍ବ ଭାରତୀୟ ସ୍ତର (ପୂର୍ବାଞ୍ଚଳ) ଗୌହାଟି, ଆସାମଠାରେ ଆୟୋଜିତ ହେବାକୁ ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ମନୋନୀତ ହୋଇଛି। ସୁରଭି ସମୟରେ ପଞ୍ଚସଖା ସେତୁ ଦ୍ୱାରା ଆୟୋଜିତ ସାହିତ୍ୟ ସୃଜନୀ କାର୍ଯ୍ୟକ୍ରମରେ ପାର୍ବତୀ ମୁର୍ମୁ ଓ କରନ ହେମ୍ବ୍ରମ ଅଂଶଗ୍ରହଣ କରି ମୟୂରଭଞ୍ଜର ସାନ୍ତାଳୀ, ମୁଣ୍ଡା ଓ ହୋ ଜନଜାତିଙ୍କ ଦ୍ୱାରା ବ୍ୟବହୃତ ଭାଷାକୁ ନେଇ ଏକ ଶବ୍ଦ କୋଷ ପ୍ରସ୍ତୁତ କରିଥିଲେ। ଏହି ଶବ୍ଦ କୋଷଟି ବିଦ୍ୟାଳୟସ୍ତରରେ କିପରି ବ୍ୟବହାର ହୋଇ ପାରିବ ତାହା ସହକାରୀ ଶିକ୍ଷୟିତ୍ରୀ ମୌସୁମୀ ଦୀକ୍ଷିତ ଉପସ୍ଥାପନା କରିଥିଲେ। ଯାହା ମୁଖ୍ୟମନ୍ତ୍ରୀ ଓ ଉପ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିଲା।

ଛାତ୍ର ମେଘରାୟ ହେମ୍ବ୍ରମ ଓ ଜଗନ୍ନାଥ ଟୁଡୁଙ୍କ ବର୍ଜ୍ୟବସ୍ତୁ ପରିଚାଳନା ପ୍ରକଳ୍ପଟି ରାଜ୍ୟସ୍ତରରେ ସର୍ବଶ୍ରେଷ୍ଠ ପଞ୍ଚମ ମଧ୍ୟରେ ରହି ଥିବାରୁ ଏହି ପ୍ରକଳ୍ପଟି ରାଜ୍ୟସ୍ତରୀୟ ସୁରଭି–୨୦୨୪ ସ୍ମାର୍ଟଇଣ୍ଡିଆ ହାକାଥନରେ ପ୍ରଦର୍ଶିତ ହୋଇ ରାଜ୍ୟ ସରକାରଙ୍କଠାରୁ ୫ ହଜାର ଟଙ୍କା ପୁରସ୍କାର ରାଶି ମିଳିଛି। ଓସେପା ତରଫରୁ ଜନଜାତି ଶିକ୍ଷା ସମ୍ବଳ କେନ୍ଦ୍ର ପ୍ରଦର୍ଶନୀ ଷ୍ଟଲରେ ମୟୂରଭଞ୍ଜ ଜିଲାର ସାନ୍ତାଳୀ, ମୁଣ୍ଡା ଓ ହୋ ଜନଜାତି ଲୋକଙ୍କ ଦ୍ୱାରା ବ୍ୟବହୃତ ହେଉଥିବା ସମସ୍ତ ପାରମ୍ପରିକ ଉପକରଣ ଯଥା–ବାଦ୍ୟଯନ୍ତ୍ର, ଅଳଙ୍କାର, କୃଷି ଉପକରଣ, ମାଛଧରା ଯନ୍ତ୍ର ଓ ବିଭିନ୍ନ ଶସ୍ୟ ଆଦି ପ୍ରଦର୍ଶିତ ହୋଇଥଲା। ବହୁଭାଷୀ ଶିକ୍ଷକ ଦୁବରାଜ ହେମ୍ବ୍ରମ ଓ ରାଇସେନ ବେଶ୍ରା ଏଥିରେ ସହଯୋଗ କରିଥିଲେ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ମନ୍ତ୍ରୀ ଏଭଳି ପ୍ରୟାସ ଓ ବିଦ୍ୟାଳୟ ସ୍ତରରେ ଏହାର ପ୍ରୟୋଗକୁ ଉଚ୍ଚ ପ୍ରଶଂସା କରିଥିଲେ। ମୟୂରଭଞ୍ଜ ଜିଲାର ୨୬ଟି କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ୫୨ ଜଣ ଛାତ୍ରୀ ୨୦ ଜଣ ଛାତ୍ର ଯୋଗଦାନ କରିଥିଲେ। ଅତିଥିଙ୍କ ସ୍ୱାଗତ ନିମନ୍ତେ ମୟୂରଭଞ୍ଜ ଜିଲା କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ଛାତ୍ରୀଙ୍କ ଦ୍ୱାରା ପରିବେଷିତ ସାନ୍ତାଳୀ ନୃତ୍ୟ ଅତ୍ୟନ୍ତ ଚିତ୍ତାକର୍ଷକ ଥିଲା। କୃତୀତ୍ୱ ହାସଲ କରିଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଶୁଭେଚ୍ଛା ଜଣାଇଛନ୍ତି।

# ଧରିତ୍ରୀ ୟୁଥ୍ କନ୍‌କ୍ଲେଭ୍-୨୦୨୪: ସବୁଜ ଓଡ଼ିଶା ପାଇଁ ଯୁବଶକ୍ତି




ସବୁଜ ଓଡ଼ିଶା ପାଇଁ ପ୍ରତିଶ୍ରୁତିବଦ୍ଧ ଧରିତ୍ରୀ ସହ ଆମେ: ବାଲେଶ୍ୱର ଫକୀରମୋହନ ଉଚ୍ଚ ମାଧମିକ ବିଦ୍ୟାଳୟର ଛାତ୍ରୀଛାତ୍ର।

## ସଂକ୍ଷେପରେ

### ବାଇକ୍ ଦୁର୍ଘଟଣାରେ ୨ ଯୁବକ ମୃତ

ବାଲେଶ୍ୱର, ୨୦।୧୧(ବାଞ୍ଛାନିଧି ଦେ)

ବାଲେଶ୍ୱର ସଦର ଥାନା ପରିଖି ଫାଣ୍ଡି ଅନ୍ତର୍ଗତ ଗୁଜୁରିବଜାରଠାରେ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏହି ଦୁର୍ଘଟଣାରେ ୨ଜଣ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ୨ଜଣ ଯୁବକ ଗୁରୁତର ଆହତ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି। ୪ଜଣ ଯୁବକ ବାଇକ୍ ଯୋଗେ ବିଳମ୍ବିତ ରାତିରେ ଏହି ରାସ୍ତା ଦେଇ ଫେରୁଥିଲେ। ଏକ ଅଜଣା ଗାଡ଼ି ଧକ୍କାରେ ବାଇକ୍ ଆରୋହୀ ଗୁଜୁରିବଜାର ନିକଟ କଲଭର୍ଟ ତଳକୁ ଖସିପଡ଼ିଥିଲେ। ଖବରପାଇ ସଦର ଥାନା ସବ୍‌ଇନ୍ସପେକ୍ଟର ବିକାଶ କୁମାର ଭୋଇ, ପରିଖି ଫାଣ୍ଡି ଅଧିକାରୀ କାମିନୀ ନାୟକ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚିଥିଲେ। ଘଟଣାସ୍ଥଳରେ ୨ଜଣଙ୍କର ମୃତ୍ୟୁ ଘଟିଥିଲା। ମୃତକମାନେ ହେଲେ ସଦର ଥାନା କାସିମାବାଦ ଅଞ୍ଚଳର ବିକାଶ ମୁର୍ମୁ (୧୮) ଓ ବାପି ମୁର୍ମୁ (୨୩)। ଗୁରୁତର ଆହତ ଏହି ଥାନା କରଞ୍ଜିଆ ଅଞ୍ଚଳର ଅନନ୍ତ ମାଝି ଓ ବଡ଼ସିନ୍ଧିଆ ଅଞ୍ଚଳର ରାହୁଲ ମାଝିଙ୍କୁ ଉଦ୍ଧାର କରାଯାଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଘଟଣାସ୍ଥଳରୁ ପୋଲିସ ଦୁଇଟି ଖଣ୍ଡା ଜବତ କରିଛି। ଏନେଇ ପୋଲିସ ଏକ ମାମଲା (ନଂ. ୪୬୭/୨୦୨୪) ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଛି।

### ଛାତ୍ରୀଛାତ୍ରଙ୍କ ଆନ୍ଦୋଳନ ଘଟଣା
### ନିଯୁକ୍ତ ହେବେ ନୂଆ ପ୍ରଧାନ ଶିକ୍ଷକ

ଭୋଗରାଇ, ୨୦।୧୧(ପ୍ରଦୀପ ଦାସ)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଲାଲବିନ୍ଧା ପ୍ରାଥମିକ ବିଦ୍ୟାଳୟରେ ପଠନରତ ୧୩୫ଜଣ ଛାତ୍ରୀଛାତ୍ର ନୂତନ ଶିକ୍ଷକ ନିଯୁକ୍ତି ଦାବିରେ ମଙ୍ଗଳବାର ସ୍କୁଲ ଶ୍ରେଣୀ ଗୃହରେ ତାଲା ପକାଇ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ବିଦ୍ୟାଳୟ ପରିସରରେ ଆନ୍ଦୋଳନ କରିଥିଲେ। ସୂଚନାନୁଯାୟୀ ଉକ୍ତ ପ୍ରାଥମିକ ବିଦ୍ୟାଳୟର ୫ଜଣ ଶିକ୍ଷୟିତ୍ରୀ ଓ ଶିକ୍ଷକ ଶିକ୍ଷାଦାନ କରୁଥିବା ବେଳେ ୫ଦିନ ପୂର୍ବେ କାର୍ଯ୍ୟରତ ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିଭା ଦତ୍ତ ଅସୁସ୍ଥ କାରଣରୁ ଅନ୍ୟତ୍ର ବଦଳି ହୋଇଥିଲେ। ଏଭଳି ସ୍ଥିତିରେ ବିଦ୍ୟାଳୟରେ ଶିକ୍ଷାଦାନ ବାଧାପ୍ରାପ୍ତ ସହିତ ପ୍ରଧାନ ଶିକ୍ଷକଙ୍କ ଭୂମିକା ବ୍ୟାହତ ହେବାରୁ ଛାତ୍ରୀଛାତ୍ରମାନେ ଆନ୍ଦୋଳନ କରିଥିଲେ। ସିଆରସିସି ଜଗଦୀଶ ମିଶ୍ର ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀ ଓ ଅଭିଭାବକଙ୍କ ସହିତ ଆଲୋଚନା କଲା ପରେ ମଧ ଶିକ୍ଷକ ନିଯୁକ୍ତି ଦାବିରେ ଛାତ୍ରୀଛାତ୍ରମାନେ ଅଡ଼ି ବସିଥିଲେ। ଉକ୍ତ ଘଟଣାକୁ ଗୋଷ୍ଠୀ ଶିକ୍ଷାଧିକାରୀ ଜଗବନ୍ଧୁ ଜେନା ଓ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ଋଷଭ କୁମାର ମହାପାତ୍ର ଗମ୍ଭୀର ସହକାରେ ନେଇଥିଲେ। ବୁଧବାର ଚକ ପଳାସିଆ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ବିକ୍ରମ କେଶରୀ ବେହେରାଙ୍କୁ ଅଲାଲବିନ୍ଧା ପ୍ରାଥମିକ ବିଦ୍ୟାଳୟକୁ ବଦଳି କରାଯାଇଥିଲା। ଗୁରୁବାର ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭାବେ ବେହେରା ଦାୟିତ୍ୱ ଗ୍ରହଣ କରିବେ ବୋଲି ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି।

# ଅଧିକାରକୁ ନେଇ ଲୋକପ୍ରତିନିଧିଙ୍କ ମଧ୍ୟରେ ଟଣାଓଟରା

**ଖଇରା ପଞ୍ଚାୟତ ସମିତି ବୈଠକ**

ଖଇରା, ୨୦।୧୧(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଅଧୀନ ଖଇରା ପଞ୍ଚାୟତ ସମିତିର ୧୦ମ ଅଧିବେଶନ ମଙ୍ଗଳବାର ସଭାଗୃହରେ ଅଧ୍ୟକ୍ଷା ଅଭିଲିପ୍ସା ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଆରମ୍ଭରେ ଏମ୍‌ପି ଅଭିମନ୍ୟୁ ସେଠୀ ପୂର୍ବ ବୈଠକରେ ଅନୁପସ୍ଥିତ ଥିବା ଅଧିକାରୀମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ଅସନ୍ତୋଷ ପ୍ରକାଶ କରିଥିଲେ। ସେହିଭଳି ନିର୍ଦ୍ଦିଷ୍ଟ ପ୍ରସଙ୍ଗ ଆଲୋଚନା ପୂର୍ବରୁ ଲୋକପ୍ରତିନିଧିମାନେ ନିଜର ସମ୍ମାନ ଅଧିକାରକୁ ନେଇ ଘଣ୍ଟାଏ ଧରି ପାଟିତୁଣ୍ଡ କରିଥିଲେ। ସରପଞ୍ଚମାନଙ୍କୁ ବ୍ଲକ ସିଏଫସି ଏବଂ ଏସ୍‌ଏଫସି ପାଣ୍ଠି ପ୍ରକଳ୍ପ ଚୟନରେ ସାମିଲ କରା ନ ଯିବାକୁ ନେଇ ଜୟନ୍ତୀ ପତି, ପୁଷ୍ପଲତା ଘଡେଇ, ସୁଶାନ୍ତ ନାୟକ, ଦୟାନିଧି ନାୟକ, ରବୀନ୍ଦ୍ର ନାୟକ ପ୍ରମୁଖ ହୋହାଲ୍ଲା କରିଥିଲେ। ପଞ୍ଚାୟତ ବୈଠକକୁ ସମିତି ସଭ୍ୟମାନଙ୍କୁ ଡକାଯାଉ ନ ଥିବା ନେଇ ଅକ୍ଷୟ ଜେନା ଓ ଅନ୍ୟ ସମିତିସଭ୍ୟମାନେ ଅଭିଯୋଗ କରିଥିଲେ। ସେହିଭଳି ରିଜୋଲ୍ୟୁଶନରେ ଜିଲା ପରିଷଦ ସଭ୍ୟାସଭ୍ୟଙ୍କୁ ନିମନ୍ତ୍ରିତ ସଭ୍ୟ ଭାବେ ଉଲ୍ଲେଖ କରାଯାଇ ସେମାନଙ୍କୁ ଅପମାନିତ କରାଯାଉଛି ବୋଲି ସଭ୍ୟ ଗଜେନ୍ଦ୍ର ଦାସ ଅଭିଯୋଗ କରିଥିଲେ। ଜେଇ ଓ ଏଇଙ୍କ ମାଧ୍ୟମରେ ଅଧିକାଂଶ ପଞ୍ଚାୟତରେ ସମିତିସଭ୍ୟ ଓ ସରପଞ୍ଚଙ୍କୁ ଭାଗଭାଗ କରାଯାଉଥିବା ଦାସ ଉଲ୍ଲେଖ କରିଥିଲେ। ପାନୀୟଜଳ ପ୍ରସଙ୍ଗରେ କୁପାରୀ ଜୋନରେ ଚାଲିଥିବା ମେଗା ପାନୀୟଜଳ ପ୍ରକଳ୍ପ ନିର୍ମାଣରେ ଅହେତୁକ ବିଳମ୍ବକୁ ନେଇ ଏମ୍‌ପି ଓ ତଥା ବିଭିନ୍ନ ପଞ୍ଚାୟତର ଲୋକପ୍ରତିନିଧିମାନେ ବିରକ୍ତି ପ୍ରକାଶ କରିଥିଲେ। ସେହିଭଳି ଇସି ମେମ୍ବରମାନଙ୍କଠାରୁ ଅର୍ଥ ନେଇ ବ୍ଲେଜର କିଣାରେ ଦୁର୍ନୀତି ହୋଇଥିବା ଗରସଙ୍ଗ ଓ ଡାଲଙ୍ଗ ସରପଞ୍ଚ ଅଭିଯୋଗ ଆଣିଥିଲେ। ସେହିଭଳି ବିଧାୟକ ପଦ୍ମଲୋଚନ ପଣ୍ଡା ବାତ୍ୟା ଦାନା ପ୍ରସଙ୍ଗ ଉଠାଇ ଯେଭଳି ଘର ଭାଙ୍ଗିଥିବା କୌଣସି ହିତାଧିକାରୀ ବାଦ୍ ନ ପଡନ୍ତି ସେଥିପାଇଁ ତହସିଲଦାର ଜିତେନ୍ଦ୍ର ମୁର୍ମୁ ଅନ୍ୟାନ୍ୟ ଅଧିକାରୀଙ୍କୁ ତାଗିଦ୍ କରିଥିଲେ। ବିଡିଓ ଅନନ୍ତ କୁମାର ହାଁସଦା, ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର, ସଭ୍ୟ ମାନସ କୁମାର ଦାଶ, ଉପାଧ୍ୟକ୍ଷ ଗଜେନ୍ଦ୍ର ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

# ବିଜ୍ଞାନ ମେଳାରେ ୧୦୪ ପ୍ରକଳ୍ପ

ସୋର, ୨୦।୧୧(ଜନ୍ମେଜୟ ମିଶ୍ର)




ବିଜ୍ଞାନମେଳାରେ ଉପସ୍ଥିତ ଅତିଥି।

ସୋରରେ ବ୍ଲକସ୍ତରୀୟ ବିଜ୍ଞାନମେଳା ବାଗୁଡି ହାଇସ୍କୁଲଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସୋର ବିଧାୟକ ମାଧବ ଧଡ଼ା ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏଥିରେ ସୋର ମ୍ୟୁନିସପାଲିଟି ଓ ୨୪ ପଞ୍ଚାୟତରେ ଥିବା ବିଭିନ୍ନ ବିଦ୍ୟାଳୟରୁ ମୋଟ ୧୦୪ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ଏଥିରେ ୨୪ଟି ପ୍ରକଳ୍ପକୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଭାବେ ମନୋନୀତ କରାଯାଇ ସେମାନଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଥମ ୭ ଜଣଙ୍କୁ ଜିଲାସ୍ତରକୁ ମନୋନୀତ କରାଯାଇଥିଲା। ବିଚାରକ ଭାବେ ମଙ୍ଗଳପୁର ଶ୍ରୀନିବାସ କଲେଜର ବିଜ୍ଞାନ ଅଧ୍ୟାପକ ପଙ୍କଜ ଜେନା ଯୋଗଦେଇଥିଲେ। ବାଗୁଡ଼ି ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ସଞ୍ଜୁକ୍ତା ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବିଧାୟକ ମାଧବ ଧଡ଼ା, ଅନ୍ୟତମ ଅତିଥି ଭାବେ ସହ ଜିଲା ଶିକ୍ଷାଧିକାରୀ ଧରଣୀଧର ପାତ୍ର, ସୋର ବ୍ଲକ ଶିକ୍ଷାଧିକାରୀ ନାରାୟଣ ଦାସ, ବାଗୁଡି ମାଧ୍ୟମିକ ପ୍ରଶିକ୍ଷଣ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଶାନ୍ତ ସେଠୀ, ବାଗୁଡି ନବୋଦୟ ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ବିଦ୍ୟାଧର ସାହୁ ଓ ସ୍ଥାନୀୟ ସରପଞ୍ଚ ଗଦାଧର ମହାପାତ୍ର ଯୋଗ ଦେଇଥିଲେ। ବିଜ୍ଞାନ ମେଳାର ବ୍ଲକ ସଂଯୋଜକ ନିରଞ୍ଜନ ନାୟକ ଓ ଉମାକାନ୍ତ ବେହେରା ଏହାକୁ ପରିଚାଳନା କରିଥିଲେ।

# ବିଜେଡିର ଜନସମ୍ପର୍କ ପଦଯାତ୍ରା

ବାହାନଗା, ୨୦।୧୧(ଅରୂପ କୁମାର ଦାସ )-ବାହାନଗା ବ୍ଲକରେ ବିଜେଡିର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ପଦଯାତ୍ରା ବିଷ୍ଣୁପୁର ତାରିଣୀ ମନ୍ଦିରରୁ ବାହାରି ଅଭଣାସ୍ଥିତ ହଟାପଡ଼ିଆରେ ପହଞ୍ଚିଥିଲା। ସେଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ବିଜେଡି ନେତା ପ୍ରଦୀପ କୁମାର ଜେନା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ସୋର ବିଧାୟକ ମାଧବ ଧଡ଼ା ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଧାମନଗର ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳଙ୍କ ସମେତ ୨୦ ନମ୍ବର ଜୋନର ଜିଲା ପରିଷଦ ସଭ୍ୟ ଶିଶିର କୁମାର ଅଗସ୍ତି, ୧୯ ନମ୍ବର ଜୋନର ଜିଲା ପରିଷଦ ସଭ୍ୟା ବିନୋପ୍ରଭା ଶିଅଳ, ୧୮ନମ୍ବର ଜୋନର ଜିଲା ପରିଷଦ ସଭ୍ୟ ନୀଳାମ୍ବର ମହାଳିକ, ଗୋପାଳପୁର ସରପଞ୍ଚ ତୁଷାରିକାନ୍ତୀ ମହାପାତ୍ର, ଶରତଚନ୍ଦ୍ର ରାଜ, ମୃତ୍ୟୁଞ୍ଜୟ ଜେନା, ସୋର ବିଜେଡି ନେତ୍ରୀ ସରୋଜିନୀ ପଣ୍ଡା ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ। ସଭାରେ ଅଶ୍ୱିନୀ ମହାପାତ୍ର ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସୁଶାନ୍ତ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ। ଏଥିରେ ୨ହଜାରରୁ ଅଧିକ ମହିଳା ପୁରୁଷ କର୍ମୀ ଯୋଗ ଦେଇଥିଲେ।

## ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଯାପିତ

ନୀଳଗିରି, ୨୦।୧୧(ପ୍ରଶାନ୍ତ ବିଶ୍ୱାଳ): ନୀଳଗିରି ଥାନା ସମ୍ମୁଖ ମିନି ଷ୍ଟାଡ଼ିୟମ ପଡ଼ିଆରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଓଡିଶା ସରକାରଙ୍କ ପକ୍ଷରୁ ଚାଲିଥିବା କୃଷି ଯନ୍ତ୍ରପାତି ମେଳା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଉପଜିଲାପାଳ ଶୁଭଶ୍ରୀ ରଥ ଯୋଗଦେଇ କୃଷକମାନେ କିପରି ଭଲ ଫସଲ ଅମଳ କରିପାରିବେ ଓ ସବୁ ବର୍ଗର ଚାଷୀଙ୍କୁ ରିହାତି ମୂଲ୍ୟରେ ଯନ୍ତ୍ରପାତି ଯୋଗାଇ ଦେବାର ବ୍ୟବସ୍ଥା ବିଷୟରେ ଆଲୋକପାତ କରିଥିଲେ। ବାଲେଶ୍ୱର କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ. ଶାଶ୍ୱତୀ ସାହୁ, ଜିଲା କୃଷି ଅଧିକାରୀ ତୁଷାରକାନ୍ତି ତୁଙ୍ଗ, ନୀଳଗିରି ଉଦ୍ୟାନ ବିଭାଗ ସହକାରୀ ଉପନିର୍ଦ୍ଦେଶକ ଗୋପୀନାଥ କର, ଔପଦା ବ୍ଲକ କୃଷି ଅଧିକାରୀ ଅଭିମନ୍ୟୁ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ ପ୍ରକାର କୃଷି ଯନ୍ତ୍ରପାତିକୁ ନେଇ ୪୫ଟି ଷ୍ଟଲ କରାଯାଇଥିଲା। ଜିଲା କୃଷି ଅଧିକାରୀ ସୁମନ୍ତ ନାୟକ ଧନ୍ୟବାଦ ଦେଇଥିଲେ।

## ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ୧୨୫୧ ପଞ୍ଜୀକୃତ

ସୋର, ୨୦।୧୧(ଜନ୍ମେଜୟ ମିଶ୍ର)

ସୋର ବ୍ଲକ କାର୍ଯ୍ୟାଳୟ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ସୋର ବ୍ଲକର ୨୪ ପଞ୍ଚାୟତରୁ ୧୨୫୧ ଜଣ ଦିବ୍ୟାଙ୍ଗ ନାମ ପଞ୍ଜୀକରଣ କରିଥିଲେ। ଅସ୍ଥିଶଲ୍ୟ ବିଶେଷଜ୍ଞ ଭାବେ ଡ଼. ଶୁଭମ ଚୌଧୁରୀ ଓ ରାଧାକାନ୍ତ ପ୍ରଧାନ, ଭେଷଜ ବିଶେଷଜ୍ଞ ଡ଼. ସୁବାସ ଦାସ, ଚକ୍ଷୁ ରୋଗ ବିଶେଷଜ୍ଞ ଡ଼. ସୁଜିତ ନାରାୟଣ ମହାପାତ୍ର, କର୍ଣ୍ଣ, ନାସା, ଗଳା ବିଶେଷଜ୍ଞ ଡ଼. ଆଶୁତୋଷ ପ୍ରଧାନ ଏବଂ ମାନସିକ ରୋଗ ବିଶେଷଜ୍ଞ ଡ଼. ସପନ କୁମାର ମହାନ୍ତି ଯୋଗଦେଇ ଦିବ୍ୟାଙ୍ଗମାନଙ୍କର ଶାରୀରିକ ପରୀକ୍ଷା କରିଥିଲେ। ଏହି ଦିବ୍ୟାଙ୍ଗମାନଙ୍କ ମଧ୍ୟରୁ ଚକ୍ଷୁ ବିଭାଗରେ ୧୮୬ଜଣ, କର୍ଣ୍ଣ, ନାସା ଓ ଗଳାରେ ୩୦୪ ଜଣ, ମାନସିକ ଅନଗ୍ରସର ୧୫୭ ଜଣ ଓ ଅସ୍ଥିଶଲ୍ୟ ବିଭାଗରେ ୬୦୪ ଜଣ ଦିବ୍ୟାଙ୍ଗଙ୍କୁ ଚିହ୍ନଟ କରାଯାଇଥିଲା। ସୋର ବିଡିଓ ସତ୍ୟନାଥ ନାଏକ, ବ୍ଲକ ଅଧ୍ୟକ୍ଷା ଅନୁସୂୟା ମଳିକ, ବିଏସଏସଓ ଜିନାରାଣୀ ପାତ୍ରିଙ୍କ ସମେତ ଅନ୍ୟ ବ୍ଲକ କର୍ମଚାରୀ ଉପସ୍ଥିତ ଥିଲେ। ଜିପିଓ ସୁଧୀର କୁମାର ସାହୁଙ୍କ ସମେତ ସମସ୍ତ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।

# ମୁରୁଣା ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ଆକ୍ରମଣ

**କାର୍ଯ୍ୟାନୁଷ୍ଠାନ ନ ହେଲେ ଥାନା ଘେରାଉ ଚେତାବନୀ**

ସିମୁଳିଆ, ୨୦।୧୧(ସନ୍ତୋଷ ନାୟକ)

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ଅଧୀନ ମୁରୁଣା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତୁଷାରକାନ୍ତି ଜେନାଙ୍କୁ ଆକ୍ରମଣ ସିମୁଳିଆ ଥାନାରେ ଅଭିଯୋଗ ହୋଇଛି। ଅପରପକ୍ଷେ ଶିକ୍ଷକ ଆକ୍ରମଣ ଘଟଣାକୁ ଶିକ୍ଷକ ସମନ୍ୱୟ ସମିତି, ଏନ୍‌ପିଏସ୍ ଶିକ୍ଷକ ସଂଘ, ପ୍ରାଥମିକ ଶିକ୍ଷକ ସଂଘ, ପ୍ରାଥମିକ ଶିକ୍ଷକ ଏକ୍ସ କ୍ୟାଡର ଶିକ୍ଷକ ସଂଘ ଆଦି ସଂଘ ପକ୍ଷରୁ ନିନ୍ଦା କରାଯିବା ସହିତ ମଙ୍ଗଳବାର ଅପରାହ୍ନରେ ଗୋଷ୍ଠୀ ଶିକ୍ଷା ଅଧିକାରୀ(ବିଇଓ) ପ୍ରକାଶ ଚନ୍ଦ୍ର ମହାଳିକଙ୍କ ନିକଟରେ ଅଭିଯୋଗ କରାଯାଇଛି। ଶିକ୍ଷକ ଆକ୍ରମଣକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ଶିକ୍ଷକ ସଂଘ ପକ୍ଷରୁ ସମୂହ ବିଦ୍ୟାଳୟ ବର୍ଜନ, ଥାନା ଓ ଶିକ୍ଷା ବିଭାଗୀୟ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ସିମୁଳିଆ ମଣ୍ଡଳ ଶିକ୍ଷକ ସମନ୍ୱୟ ସମିତିର ସମ୍ପାଦକ ଶରତ ଚନ୍ଦ୍ର ନାୟକ ସୂଚନା ଦେଇଛନ୍ତି। ଯେକୌଣସି ଶିକ୍ଷକଙ୍କ ବିରୋଧରେ କୌଣସି ଅଭିଯୋଗ ଥିଲେ ବିଭାଗୀୟ ଅଧିକାରୀଙ୍କୁ ପ୍ରଥମେ ସୂଚନା ଦିଆଯିବା ଆବଶ୍ୟକ ବୋଲି ବିଇଓ ପ୍ରକାଶ ଚନ୍ଦ୍ର ମହାଳିକ ସୂଚନା ଦେଇଛନ୍ତି। ଆକ୍ରମଣକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ବିଇଓ ମହାଳିକ ପତ୍ର ସଂଖ୍ୟା ୨୪୪୬ରେ ସିମୁଳିଆ ପୋଲିସକୁ ମଙ୍ଗଳବାର ସନ୍ଧ୍ୟାରେ ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ଗତ ସୋମବାର ବିଦ୍ୟାଳୟ ସଭାପତିଙ୍କ ସହ ସ୍ଥାନୀୟ ଅଞ୍ଚଳର ୨ଜଣ ବିଦ୍ୟାଳୟରେ ପହଞ୍ଚି ପ୍ରଧାନ ଶିକ୍ଷକ ତୁଷାରକାନ୍ତି ଜେନାଙ୍କୁ କୌଣସି କାରଣ ନ ଥାଇ କାହିଁକି ବିଦ୍ୟାଳୟକୁ ବିଳମ୍ବରେ ଆସୁଛି ବୋଲି ପଚାରିବା ସହିତ ଅଶାଳୀନ ଭାଷାରେ ଗାଳିଗୁଲଜ କରିବା ସହିତ ଟଣାଘୋଷରା କରିଥିଲେ। ପରେ ଶିକ୍ଷକଙ୍କୁ ଧରି ବିଇଓଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପ୍ରାୟ ୫ କି.ମି. ଧରି ଆସିଥିଲେ। ବିଇଓଙ୍କ ଅନୁପସ୍ଥିତିରେ ଏବିଇଓ ଅଜୟ କୁମାର ପଣ୍ଡା ସେମାନଙ୍କୁ ବୁଝାଶୁଝା କରିଥିଲେ। ଶିକ୍ଷକ ସଂଘର ଆଲୋଚନା ପରେ ମଙ୍ଗଳବାର ଆକ୍ରମଣକାରୀମାନଙ୍କ ନାମରେ ଥାନାରେ ଅଭିଯୋଗ କରାଯାଇଛି। ପିଲାମାନଙ୍କ ସମ୍ମୁଖରେ ଅଶାଳୀନ ଭାଷା ଓ ଟଣାଘୋଷରା କରାଯିବା ଜଣେ ଶିକ୍ଷକଙ୍କ ପାଇଁ ଅପମାନ ବୋଲି ପ୍ରଧାନ ଶିକ୍ଷକ ତୁଷାରକାନ୍ତି କହିଛନ୍ତି।

# ମୋରମ ଖାଦାନରେ ପଡ଼ିଲେ ୨ ହାତୀଛୁଆ

ଜଳେଶ୍ୱର, ୨୦।୧୧(ନବୀନ ସାହୁ)



ମୋରମ୍ ଖାଦାନରେ ପଡ଼ିଥିବା ହାତୀ ଛୁଆକୁ ଉଦ୍ଧାର ପାଇଁ ଅନ୍ୟ ହାତୀମାନେ ଚେଷ୍ଟା କରୁଛନ୍ତି।

ଜଳେଶ୍ୱର ବ୍ଲକ୍ ରାଇବଣିଆ ଥାନା ଖୁଆଡ଼ ଅଞ୍ଚଳରେ ଝାଡ଼ଖଣ୍ଡୀ ହାତୀପଲ ଆତଙ୍କ ଖେଳାଇ ଚାଲିଛନ୍ତି। ୪୨ ଝାଡ଼ଖଣ୍ଡୀ ହାତୀପଲ ଖୁଆଡ଼ ଅଞ୍ଚଳର ହଳଦୀଗୁଣ୍ଡି, ଉପରକୁଣ୍ଡି ଓ କେନ୍ଦୁଝୁଣ୍ଟା ଅଞ୍ଚଳରେ ଘୂରି ବୁଲୁଛନ୍ତି। ବୁଧବାର ଅପରାହ୍ନରେ ହାତୀମାନେ ନୂଆଗାଁର ଏକ ବେଆଇନ ମୋରମ୍ ଖାଦାନକୁ ପାଣି ପିଇବା ପାଇଁ ଆସିଥିବା ବେଳେ ଦୁଇଟି ଛୁଆ ହାତୀ ବେଆଇନ ମୋରମ୍ ଖାଦାନରେ ପଡ଼ିଯାଇଥିଲେ। ସେମାନଙ୍କ ପକ୍ଷେ ଉଠିବା ସମ୍ଭବ ହୋଇ ନ ଥିଲା। ପରେ ମା' ହାତୀମାନେ ଆସି ଦୀର୍ଘ ସମୟ ପରେ ଉଠାଇଥିଲେ। ଏହାକୁ ଦେଖିବା ପାଇଁ ଉକ୍ତ ଅଞ୍ଚଳରେ ଲୋକଙ୍କ ଭିଡ଼ ଲାଗିଥିଲା। ଜଙ୍ଗଲ ଜମିରେ ବେଆଇନ ଭାବେ ମୋରମ୍ ଖୋଳିବା ନେଇ ଅନୁମତି କିଏ ଦେଲା ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜଙ୍ଗଲ ନଷ୍ଟ ହେବା ଯୋଗୁ ହାତୀ ଏବେ ଜଙ୍ଗଲ ଛାଡ଼ି ଗାଁମୁହାଁ ହୋଇ ଚଲାପଥରେ ବିପଦର ସମ୍ମୁଖୀନ ହେଉଛି। ଏହାକୁ ନେଇ ପ୍ରାଣୀପ୍ରେମୀ ଦିଲୀପ ଗିରି ଚିନ୍ତା ପ୍ରକଟ କରିଛନ୍ତି। ଏ ନେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ କହିଛନ୍ତି।

## ବିଦ୍ୟୁତ୍ ସଂସ୍ପର୍ଶରେ ଜଳିଗଲା ଦୋକାନ

ଜଳେଶ୍ୱର, ୨୦।୧୧(ରବିନାରାୟଣ ପାତ୍ର)

ଜଳେଶ୍ୱର ବ୍ଲକର ସୁଗୋ ପଞ୍ଚାୟତ ଅଧୀନ ବାଣିଦା ଗ୍ରାମରେ ମଙ୍ଗଳବାର ରାତିରେ ଅଗ୍ନିକାଣ୍ଡ ଘଟି ଦୁଇଟି ଦୋକାନଘର ସମ୍ପୂର୍ଣ୍ଣ ଜଳିଯାଇଛି। ବାଣିଦା ଗାଁ ମଝିରେ ଥିବା ଅନନ୍ତ ଜେନାଙ୍କ ସାଇକେଲ ଦୋକାନ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିବା ଦ୍ୱାରା ପ୍ରାୟ ୨ଲକ୍ଷ ଟଙ୍କାର ଜିନିଷପତ୍ର ପୋଡି ଯାଇଛି। ପାଖରେ ଥିବା ଜିତାଂଶୁ ପାତ୍ରଙ୍କ ଅନ୍ୟ ଏକ ପାନ ଦୋକାନକୁ ନିଆଁ ମାଡ଼ିଯାଇଥିଲା। ବୁଧବାର ସକାଳେ ରାଜସ୍ୱ ବିଭାଗ ପକ୍ଷରୁ ତଦନ୍ତ କରାଯାଇଛି। ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।

# ହନୁମାନଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ

ଉଦଳା, ୨୦।୧୧(ସନ୍ତୋଷ କୁମାର ବାଛିନୀ)

ଉଦଳା ବ୍ଲକ ଅଧୀନ ଖଲାଡ଼ି ପଞ୍ଚାୟତର ଚୁଳିଆପୋଷି ଗ୍ରାମରେ ତ୍ରି ଦିବସୀୟ ହନୁମାନ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିବସରେ ନିକଟସ୍ଥ ସୁନାପାଳ ଦେଓ ନଦୀ ଘାଟରୁ ଘଟୋତ୍ତଳନ କରାଯାଇ ଏକ ଶୋଭାଯାତ୍ରାରେ ଯଜ୍ଞମଣ୍ଡପକୁ ଅଣାଯାଇ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଥିଲା। ପ୍ରତ୍ୟହ ସନ୍ଧ୍ୟାରେ ପ୍ରବଚନ ସହିତ ଭଜନ ସନ୍ଧ୍ୟା ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ପ୍ରସାଦ ସେବନ ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ବ୍ୟାପକ ଆୟୋଜନ କରାଯାଇଥିଲା। ମୁଖ୍ୟକର୍ତ୍ତା ଭାବେ ଅରବିନ୍ଦ ମୁଦୁଲି, ମିନତୀ ମୁଦୁଲି, ସଞ୍ଜୀବ ବାରିକ, ଦୀପାଞ୍ଜଳି ବାରିକ, ପ୍ରଶାନ୍ତ ବାରିକ, ଅଙ୍କିତା ବାରିକ, ନାରାୟଣ ମୁଦୁଲି, ଅମିତା ମୁଦୁଲି କାର୍ଯ୍ୟ ସମ୍ପନ୍ନ କରିଥିଲେ। ଅଶୋକ ବାରିକ, ସସ୍ମିତା ବାରିକ, ମନମୋହନ ପ୍ରଧାନ, ଶରତ ଚନ୍ଦ୍ର ପୁଥାଳ, ଚକ୍ରଧର ବାରିକ, ତାପସ ବାରିକ, ଅଙ୍କିତ ବାରିକ, ସମରେନ୍ଦ୍ର ମୁଦୁଲି, ପରେଶ ପ୍ରଧାନ, ଦିଲ୍ଲୀପ ବାରିକ ପ୍ରମୁଖ ଗ୍ରାମବାସୀ ପରିଚାଳନାରେ ସହଯୋଗ କରିଥିଲେ। ଦୈନନ୍ଦିନ ମନ୍ତ୍ର ପାଠ, ଘୃତଯଜ୍ଞ, ନାମ ସଂକୀର୍ତ୍ତନ ଆଦି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବାରୁ ଗ୍ରାମରେ ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା।

# ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ଉଦଳା,୨୦।୧୧(ସନ୍ତୋଷ କୁମାର ବାଛିନୀ)

କପ୍ତିପଦା ଉପଖଣ୍ଡର ଉଦଳା ହାଇସ୍କୁଲ ପଡ଼ିଆଠାରେ ୩ ଦିନ ଧରି ଆୟୋଜିତ ହେବାକୁ ଥିବା ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ବୁଧବାର ଉଦ୍‌ଘାଟିତ ହୋଇଯାଇଛି। କୃଷି ଓ କୃଷକ ସଶକ୍ତୀକରଣ ବିଭାଗ, ଓଡ଼ିଶା ସରକାରଙ୍କ ପକ୍ଷରୁ ଆୟୋଜିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ପ୍ରଥମେ କୃଷକ ମାନଙ୍କର ପଞ୍ଜୀକରଣ କରାଯାଇଥିଲା। ଅନ୍ୟପଟେ ସ୍ଥାନୀୟ ଡ଼ାକ ବଙ୍ଗଳାରୁ ବିରାଟ ଶୋଭାଯାତ୍ରା ବଜାର ପରିକ୍ରମା କରି ମେଳା ପଡ଼ିଆଠାରେ ପହଞ୍ଚିଥିଲା।

ଆୟୋଜିତ କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବେ ଉଦଳା ବିଧାୟକ ଭାସ୍କର ମଢ଼େଇ ଉଦ୍‌ଘାଟନ କରିବା ସହ ବିଭିନ୍ନ ଷ୍ଟଲ ପରିଦର୍ଶନ କରିଥିଲେ। କୃଷି ବିଭାଗୀୟ କର୍ମଚାରୀ ଶ୍ରୀୟାସ୍ମିତା ଦାସ ଏବଂ ସତ୍ୟବ୍ରତ ଘଡ଼ାଇ ସ୍ୱଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଜିଲା କୃଷି ଅଧିକାରୀ ସିଦ୍ଧାର୍ଥ ବେଉରାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ବିଧାୟକ ମଢ଼େଇଙ୍କ ସମେତ ମୁଖ୍ୟ ବକ୍ତା ଭାବେ ଉଦଳା ଏନ୍‌ଏସି ଅଧ୍ୟକ୍ଷା ପ୍ରମିଳା ପଣ୍ଡା, ବିଶିଷ୍ଟ ଅତିଥି ଭାବେ ଉପଜିଲାପାଳ ସୁଶାନ୍ତ କୁମାର ବାରିକ, ସମ୍ମାନିତ ଅତିଥି ଭାବେ ପ୍ରକଳ୍ପ ପ୍ରଶାସକ ଆଇଟିଡିଏ, ନରେନ୍ଦ୍ର ଖମାରୀ, ଉଦଳା ବ୍ଲକ ଅଧ୍ୟକ୍ଷା ମଞ୍ଜୁଲତା ବିଶ୍ୱାଳ, ନିର୍ବାହୀଯନ୍ତ୍ରୀ (କୃଷି) ଶ୍ରୀନିବାସ ପୃଷ୍ଟି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ୧୦ଜଣ ଅଗ୍ରଣୀ ସଫଳ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯିବା ସହିତ ଟ୍ରାକ୍ଟର କିଣିଥିବା ଦୁଇଜଣ ଚାଷୀଙ୍କୁ ଦେଢ଼ଲକ୍ଷ ଟଙ୍କା ଲେଖାଏ, ପାୱାର ଟିଲର କିଣିଥିବା ୩ ଜଣ ଚାଷୀଙ୍କୁ ୮୫ ହଜାର ଟଙ୍କା ଏବଂ ଯନ୍ତ୍ରଚାଳିତ ଘାସ ବଛା ଯନ୍ତ୍ର କିଣିଥିବା ଜଣେ ଚାଷୀଙ୍କୁ ୨୫ ହଜାର ଟଙ୍କାର ରିହାତି ମିଳିଥିବା ଘୋଷଣା କରାଯାଇଥିଲା। ଏହି ମେଳାରେ ମୋଟ ୩୪ ପ୍ରଦର୍ଶନୀ ଷ୍ଟଲର ବ୍ୟବସ୍ଥା କରାଯାଇଥିଲା ସନ୍ଧ୍ୟାରେ ପ୍ରାୟ ୧୩ଟି ବିଦ୍ୟାଳୟର ଛାତ୍ରୀଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଛାତ୍ରୀଙ୍କ ଦକ୍ଷତା ବିକାଶ ତାଲିମ ଶିବିର ଉଦ୍‌ଯାପିତ

**୮ଟି ଗ୍ରୁପ୍‌ରେ ୪୩୫ ଛାତ୍ରୀ**

ବାଲେଶ୍ୱର, ୨୦।୧୧(ବାଞ୍ଛାନିଧି ଦେ)



ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ ଏବଂ ହାଇଦ୍ରାବାଦସ୍ଥିତ ନନ୍ଦି ଫାଉଣ୍ଡେଶନ ମଧ୍ୟରେ ସ୍ୱାକ୍ଷର ହୋଇଥିବା ବୁଝାମଣାପତ୍ର ଅଧୀନ ଏକ ୧୨ଦିନିଆ ଦକ୍ଷତା ବିକାଶ ତାଲିମ ଶିବିର 'ମହିନ୍ଦ୍ରା ପ୍ରାଇଡ କ୍ଲାସରୁମ' ଉଭୟ କ୍ୟାମ୍ପସରେ ଉଦ୍‌ଯାପିତ ହୋଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନରେ ଏହି ଶିବିର ଶୁଭାରମ୍ଭ ହୋଇଥିଲା। କାର୍ଯ୍ୟକ୍ରମରେ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା, ଛାତ୍ର କଲ୍ୟାଣ ନିର୍ଦ୍ଦେଶକ ଡ. ନିହାର ରଞ୍ଜନ ରାଉତ, ନନ୍ଦି ଫାଉଣ୍ଡେଶନର ରାଜ୍ୟ ସଂଯୋଜକ ମୁନମୁନ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

ବିଶ୍ୱବିଦ୍ୟାଳୟର ୪୩୫ଜଣ ଛାତ୍ରୀ ୮ଟି ଗ୍ରୁପ୍‌ରେ ବିଭକ୍ତ ହୋଇ ଏହି ତାଲିମ ଗ୍ରହଣ କରିବା ସହ ନିଯୁକ୍ତି କ୍ଷେତ୍ରରେ ବିଭିନ୍ନ ସାକ୍ଷାତକାରକୁ ସମ୍ମୁଖୀନ ହେବାର ପ୍ରଣାଳୀର ଶିକ୍ଷାଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ଓ କୁଳସଚିବ କୁକୁମୀନା ଦାସ ଯୋଗଦେଇ ଛାତ୍ରୀଙ୍କ ଜ୍ଞାନ ଆହରଣ ସହିତ ବ୍ୟକ୍ତିତ୍ୱର ବିକାଶ ଏବଂ ଯୋଗାଯୋଗ ଦକ୍ଷତା ପ୍ରଦାନ ଏହାର ଲକ୍ଷ୍ୟ ବୋଲି କହିଥିଲେ। ନନ୍ଦି ଫାଉଣ୍ଡେଶନ ତରଫରୁ ଅଙ୍କିତା ମହାରଣା, ସୌରଭ ଚକ୍ରବର୍ତ୍ତୀ, ବିଭୁସୁନ୍ଦର ମହାନ୍ତି ଓ ପ୍ରଜ୍ଞା ରଥ ଏହି ତାଲିମ କାର୍ଯ୍ୟକ୍ରମରେ ପ୍ରଶିକ୍ଷକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ଛାତ୍ର କଲ୍ୟାଣ ନିର୍ଦ୍ଦେଶକ ରାଉତଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିଶ୍ୱବିଦ୍ୟାଳୟ ଲୋକସମ୍ପର୍କ ଅଧିକାରୀ ଶର୍ମିଷ୍ଠା ମହାରଣା କାର୍ଯ୍ୟକ୍ରମର ସଞ୍ଚାଳନ କରିଥିଲେ। ଏହି ଅବସରରେ ସର୍ବୋତ୍ତମ ପ୍ରଦର୍ଶନ ପାଇଁ ପ୍ରତି ଗ୍ରୁପରୁ ଜଣେ ଶ୍ରେଷ୍ଠ ଓ ୩ଜଣ ଛାତ୍ରୀଙ୍କୁ ନନ୍ଦି ଫାଉଣ୍ଡେଶନ ପକ୍ଷରୁ ପୁରସ୍କୃତ କରାଯାଇଥିଲା।

